

ଟିପ୍ପଣୀ

**୩୦**

# ପର୍ଯ୍ୟଟନ - ଧାରଣା, ସମ୍ବଳ ଓ ବିକାଶ

## (TOURISM-CONCEPT, RESOURCES AND DEVELOPMENT)

ସୁନ୍ଦର ତୃପ୍ତିର ଅବସାଦ ନାହିଁ, ଯେତେ ଦେଖୁଥିଲେ ନୂଆ ଦିଶୁଥାଇ । ଏହା ସତ୍ୟଯେ ପ୍ରାକୃତିକ ସୌନ୍ଦର୍ଯ୍ୟର ବିବିଧତାର ଅନ୍ତ ନାହିଁ । ଏପରିକି ମଣିଷ ମନର କେଉଁ ଏକ ନିଭୃତ କୋଣରେ, ପ୍ରକୃତି ପ୍ରତି ଅନନ୍ତ ଇଚ୍ଛା କେଉଁ କାଳରୁ ବସାବାନ୍ଧି ବସିଛି । ତେଣୁ, କେଉଁ ଏକ ଆଦିମ କାଳରୁ ଅନ୍ୱେଷଣ କାରୀମାନେ, ଉଭାବକମାନେ ଏବଂ ପର୍ଯ୍ୟଟକମାନେ ସମସ୍ତ ଅସୁବିଧାଗୁଡ଼ିକୁ ଅତିକ୍ରମ କରି ବିପଦପୂର୍ଣ୍ଣ ଯାତ୍ରା ଜାରି ରଖିଥିଲେ । ଆଜିକାଲିର ଅତ୍ୟାଧୁନିକ ପର୍ଯ୍ୟଟନ କେଉଁ ସୁଦୂର ଅତୀତରେ ମଧ ଥିଲା, ଯେତେବେଳେ ମଣିଷ ପ୍ରକୃତିକୁ ଅବଲୋକନ କରି ତାର ପ୍ରଂଶସାରେ ଶତମୂଖ ହୋଇ ଉଠୁଥିଲା । ପର୍ଯ୍ୟଟନ ଶିଳ୍ପର ଏହା ଏକ ପ୍ରଧାନ କର୍ତ୍ତବ୍ୟ ଯେ ପ୍ରମୁଖ ସ୍ଥାନଗୁଡ଼ିକୁ ବାଛିବା ଏବଂ ସେହି ସ୍ଥାନଗୁଡ଼ିକରେ ସମସ୍ତ ସୁଖ ସୁବିଧା ଉପଲବ୍ଧ କରାଇବା । ଏଣୁ ପ୍ରାକୃତିକ ସୌନ୍ଦର୍ଯ୍ୟ, ଅନୁକୂଳ ଜଳବାୟୁ ଏବଂ ସାଂସ୍କୃତିକ ଐତିହାସିକ ପୀଠ ଗୁଡ଼ିକର ବିକାଶ କରାଯାଇ ପର୍ଯ୍ୟଟନର ସମୃଦ୍ଧି କରାଯାଇପାରିବ । ଏହି ଅଧ୍ୟାୟରେ ଆମ୍ଭେମାନେ ପର୍ଯ୍ୟଟନର ଅର୍ଥ, ପର୍ଯ୍ୟଟକମାନଙ୍କର ପ୍ରକାର ଭେଦ ଏବଂ ବିଭିନ୍ନ ପର୍ଯ୍ୟଟନ ସ୍ଥାନଗୁଡ଼ିକର ଆକର୍ଷଣ ବିଷୟରେ ଆଲୋଚନା କରିବା । ଆହୁରି ମଧ ଆମ୍ଭେମାନେ ପର୍ଯ୍ୟଟନର ଆବଶ୍ୟକତା ଏବଂ ଅତ୍ୟାଧୁନିକ ପର୍ଯ୍ୟଟନ ପାଇଁ ବିଭିନ୍ନ ପ୍ରକାରର ସମ୍ବଳର ଯୋଗଦାନ ବିଷୟରେ ଆଲୋଚନା କରିବା ।

## ଉଦ୍ଦେଶ୍ୟ

ଏହି ପାଠର ଅଧ୍ୟୟନ ପରେ ତୁମେମାନେ

- ପୁରାଣ ସମୟର ଯାତ୍ରା ବା ଭ୍ରମଣ ଆଜି କିପରି ପର୍ଯ୍ୟଟନରେ ରୂପାନ୍ତରିତ ହୋଇଛି ଜାଣିପାରିବ;
- ବିଭିନ୍ନ ପ୍ରକାରର ପର୍ଯ୍ୟଟନ ଏବଂ ତତ୍ ସମ୍ବନ୍ଧୀତ ଉଦ୍ଦେଶ୍ୟ ବିଷୟରେ ଅବଗତ ହୋଇପାରିବ;
- ଭାରତ ବର୍ଷର ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ବିଭିନ୍ନତା ଏବଂ ଏହାର ମୂଲ୍ୟବୋଧ ବିଷୟରେ ଜାଣିପାରିବ;
- ପର୍ଯ୍ୟଟନର ବୃଦ୍ଧିପାଇଁ ଉତ୍ତରଦାୟୀ କାରଣ ଗୁଡ଼ିକ ବିଷୟରେ ଅବଗତ ହେବ;
- ପର୍ଯ୍ୟଟନ ନିମନ୍ତେ କ୍ଷେତ୍ରୀୟ ବିକାଶ ଯେ ଜରୁରୀ- ଏହା ବିଶ୍ଳେଷଣ କରିପାରିବ;
- ଭାରତର ବିଭିନ୍ନ ରାଜ୍ୟଗୁଡ଼ିକରେ ଥିବା ଭିନ୍ନ ଭିନ୍ନ ପର୍ଯ୍ୟଟନସ୍ଥଳୀ ଗୁଡ଼ିକୁ ଚିହ୍ନଟ କରି ତାର ବର୍ଗୀକରଣ କରିପାରିବ ।



ଟିପ୍ପଣୀ

## ୩୦.୧ ପର୍ଯ୍ୟଟନର ଏବଂ ଅନ୍ତରାଷ୍ଟ୍ରୀୟ ପର୍ଯ୍ୟଟକର ଅର୍ଥ

ଆଜିର ଆଧୁନିକ ପର୍ଯ୍ୟଟନ ପ୍ରାରମ୍ଭରେ ଅବସ୍ଥାରେ ମାନବ ଇତିହାସ ଭ୍ରମଣ ବା ଯାତ୍ରା ସହିତ ସମାନ ନୁହେଁ । ଇହୁଦୀମାନଙ୍କ ଭାଷାରେ "ତୋରହା"ର ଅର୍ଥ ଅଧ୍ୟୟନ କରିବା ବା ଗବେଷଣା କରିବା । ଇଂରାଜୀ ଶବ୍ଦ tour ସେଇ "ତୋରହା" ଶବ୍ଦରୁ ଉତ୍ପନ୍ନ ହୋଇଥାଇପାରେ । ଲାଟିନ୍ ମୂଳଶବ୍ଦ "ଟୋରନସ୍" ଇଂରାଜୀ ଶବ୍ଦ tour ର ନିକଟବର୍ତ୍ତୀ ଅଟେ । "ଟୋରନସ୍" ଏକ ପ୍ରକାରର ଗୋଲାକାର ଚକ ପରି ଉପକରଣ ଯାହା ଭ୍ରମଣ ପରିଧି ବା ପ୍ୟାକେଜ୍ ଟୁର୍ କୁ ସଂକେତ କରିଥାଏ । ସଂସ୍କୃତରେ ପର୍ଯ୍ୟଟନର ଅର୍ଥ ହେଉଛି ଜ୍ଞାନ ଆହରଣ ନିମନ୍ତେ ଅଥବା ଆରାମ ନିମନ୍ତେ ଗୃହତ୍ୟାଗ କରିବା । ଦେଶାଟନ ହେଉଛି ଅନ୍ୟ ଏକ ଶବ୍ଦ ଯାହାର ଅର୍ଥ ହେଲା ଆର୍ଥିକ ଲାଭ ଆଶାରେ ଯାତ୍ରା କରିବା, ତୀର୍ଥାଟନ ହେଉଛି ତୃତୀୟ ପାଖାପାଖି ଶବ୍ଦ ଯାହାର ଅର୍ଥ ହେଉଛି ଧାର୍ମିକ ଉଦ୍ଦେଶ୍ୟ ରଖି ଯାତ୍ରା କରିବା । ଉପରୋକ୍ତ ତିନୋଟି ଶବ୍ଦ ପର୍ଯ୍ୟଟନର ଅର୍ଥ ଏବଂ ଧାରଣା ବିଷୟରେ ଅବଗତ କରାଇଥାଏ ।

୧୯୭୦ ମସିହା ପରଠାରୁ, ଭାରତ / ଜାତିସଂଘ ଭ୍ରମଣ ଓ ପର୍ଯ୍ୟଟନ ନଥି United Nations Travel & Tourism paper ଅନୁସାରେ ପର୍ଯ୍ୟଟକମାନଙ୍କର ସଂଖ୍ୟା ଓ ପର୍ଯ୍ୟଟକର ଚିହ୍ନଟ ସମ୍ବନ୍ଧରେ ଏହି ତଥ୍ୟ ହାସଲ କରିଅଛି । "କୌଣସି ବ୍ୟକ୍ତି ଯିଏ ବିଦେଶୀ ପାସପୋର୍ଟ ପାଇ ଭାରତରେ ଅତିକମ୍‌ରେ ୨୪ଘଣ୍ଟା ଠାରୁ ଅତିବେଶୀରେ ୬ମାସ ପର୍ଯ୍ୟନ୍ତ ଭ୍ରମଣ କରିଥାଏ ଏବଂ ସେ ପୁରୁଷ ବା ନାରୀ ସେ ଦେଶରେ ରହୁନଥିବ ବା କୌଣସି ଚାକିରି କରୁନଥିବେ ସେ ହେଉଛି ଜଣେ ପର୍ଯ୍ୟଟକ ।" ଏହି ସଂଜ୍ଞା ଅନ୍ତଃରାଷ୍ଟ୍ରୀୟ ପର୍ଯ୍ୟଟକମାନଙ୍କ ପ୍ରତି ମଧ୍ୟ ଲାଗୁ ହୋଇଥାଏ ।

ପର୍ଯ୍ୟଟନ ଏକ ଆଧୁନିକ ଶବ୍ଦ ଅଟେ । ଏହା ଦେଶୀୟ ଏବଂ ଅନ୍ତର୍ଦ୍ଦେଶୀୟ ପର୍ଯ୍ୟଟକମାନଙ୍କ ପ୍ରତି ଲାଗୁ ହୋଇଥାଏ । ଏହା ମଣିଷର ନିବାସସ୍ଥଳୀ ଓ କାର୍ଯ୍ୟସ୍ଥଳୀ ଠାରୁ ସାମୟିକ ବିରତି ଅଟେ । ଭ୍ରମଣକାରୀ ସଦାସର୍ବଦା ସୁଖର ଅନ୍ୱେଷଣରେ ଥାଏ ଏବଂ ବିଭିନ୍ନ ସ୍ଥାନକୁ କିମ୍ବା ଗୋଟଏ ସ୍ଥାନକୁ ବାରମ୍ବାର ସୁଖର ଅନେଷ୍ୱଣରେ ପରିଦର୍ଶନ କରୁଥାଏ । ସମସ୍ତ ପ୍ରକାର ଆର୍ଥିକ କାର୍ଯ୍ୟକଳାପ ଯାହାକି ପର୍ଯ୍ୟଟକମାନଙ୍କୁ ଆମୋଦିତ କରିଥାଏ ତାହା ମଧ୍ୟ ପର୍ଯ୍ୟଟନର ଅନ୍ତର୍ଭୁକ୍ତ । ଛୁଟି କଟାଇବା ଲାଗି ବୁଲିଯିବା, ବ୍ୟବସାୟିକ ଉଦ୍ଦେଶ୍ୟରେ ପର୍ଯ୍ୟଟନ କରିବା, ଦକ୍ଷତା ବୃଦ୍ଧି ନିମନ୍ତେ ଭ୍ରମଣରେ ବାହାରିବା – ଏ ସମସ୍ତ ପର୍ଯ୍ୟଟନର ଅନ୍ତର୍ଭୁକ୍ତ ଯଦି ଏହା ସାମୟିକ ଏବଂ ସ୍ୱଇଛାରେ ପ୍ରତିପାଦିତ ହୋଇଥାଏ ଏବଂ ଏଥିରେ କିଛି ନିଜସ୍ୱ ରୋଜଗାରର ଉଦ୍ଦେଶ୍ୟ ନଥାଏ । ବ୍ୟବସାୟିକ ପର୍ଯ୍ୟଟନର ଉଦ୍ଦେଶ୍ୟ ହେଉଛି ବିଭିନ୍ନ ଦେଶମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ ପୂର୍ବକ ମତର ବିନିମୟ କରିବା । ଏ ଯୁଗ ହେଉଛି ଆର୍ଥିକ ସଂସ୍କାରର ଯୁଗ, ଜଗତୀକରଣର ଯୁଗ । ପର୍ଯ୍ୟଟନ ଯୋଗୁଁ ଅଧିକରୁ ଅଧିକ ବ୍ୟବସାୟୀମାନେ ଆମ ଦେଶର ମହାନଗର ଓ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକୁ ଆସୁଛନ୍ତି ।

Holiday ଶବ୍ଦ "Holy day" (ପବିତ୍ର ଦିନ)ରୁ ଉତ୍ପନ୍ନ । ଏହାର କାରଣ ଏହିକିଯେ ବହୁକାଳରୁ ଧାର୍ମିକ ପୂଜାପାଠ ଦିବସଗୁଡ଼ିକ ସହିତ ଏହାର ସମ୍ପର୍କ ଥିଲା । ଊନବିଂଶ ଶତାବ୍ଦୀ ବେଳକୁ ଅଧିକରୁ ଅଧିକ ଛୁଟିଦିନ ଗୁଡ଼ିକ ଏହି ପବିତ୍ର ଦିବସ ଗୁଡ଼ିକ ସହିତ ଯୋଡ଼ି ଦିଆଗଲା କାରଣ ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ଅଟେ । ବାର୍ଷିକ ଛୁଟି ଦିବସଗୁଡ଼ିକର ଅବଧାରଣା ଯାହାକି ଏବେ ପ୍ରତ୍ୟେକ ନାଗରିକମାନଙ୍କୁ ମିଳୁଛି – ତାହା ଏକ ଆଧୁନିକ ଘଟଣା ଅଟେ ।



ଟିପ୍ପଣୀ

- 'ପର୍ଯ୍ୟଟନ'ର ଅର୍ଥ ହିବ୍ରୁ ଲାଟିନ ଏବଂ ସଂସ୍କୃତ ଭାଷାରେ ବ୍ୟବହୃତ ହେଉଥିବା ଅନେକ ସାଙ୍କେତିକ ଶବ୍ଦରୁ ମିଳିଥାଏ ।
- ପର୍ଯ୍ୟଟନର ଅର୍ଥ ହେଉଛି ଲୋକମାନେ ନିଜ ଇଚ୍ଛାରେ କିଛି ସମୟ ପାଇଁ ଛୁଟି କଟାଇବାକୁ ଯିବା, ସୁଖର ଅନ୍ୱେଷଣରେ ଯିବା କିମ୍ବା ବ୍ୟବସାୟିକ ସହଯୋଗର ହାତ ବଢ଼ାଇବାକୁ ଯିବା ।

## ୩୦.୨ ପୁରାତନ ଭ୍ରମଣରୁ ଆଧୁନିକ ପର୍ଯ୍ୟଟନ ପର୍ଯ୍ୟନ୍ତ ବିକାଶ ବା ପ୍ରଗତି

କୌତୁହଳ ବଶତଃ ପର୍ଯ୍ୟଟନ ଇତିହାସର କେଉଁ ଏକ ପୁରାତନ କାଳରୁ ମନୁଷ୍ୟକୁ ବିଭିନ୍ନ ପ୍ରକାରରେ ଆକର୍ଷିତ କରିଆସୁଅଛି । ଭାରତର ମୁନିରଷିମାନେ ଧ୍ୟାନ ବା ଯୋଗ ନିମନ୍ତେ ହିମାଳୟ ପର୍ବତମାଳ, ସମୁଦ୍ର ତୀର, ପ୍ରାକୃତିକ ସ୍ଥଳ କିମ୍ବା ହ୍ରଦ କିମ୍ବା ବଣକୁ ଯାଉଥିଲେ । ସେବେ ଠାରୁ ସବୁଧର୍ମର ଲୋକମାନେ ଭାରତର କୋଣ ଅନୁକୋଣରେ ଥିବା ପବିତ୍ର ପୀଠକୁ ଦେଖିବାକୁ ଯାଉଛନ୍ତି ।

ଆମକୁ ମଧ୍ୟ ଏହା ଦେଖିବାକୁ ମିଳୁଛିଯେ କିଛିଲୋକ ନୂଆ ସ୍ଥାନର ଅନ୍ୱେଷଣରେ ଓ ଆଉ କିଛିଲୋକ ପରିବେଶରେ ପରିବର୍ତ୍ତନ ସକାସେ ଦୂରଯାତ୍ରା କରିଥାନ୍ତି । ଏହିଭଳି ଯାତ୍ରାଗୁଡ଼ିକରେ ଆଧୁନିକ ପର୍ଯ୍ୟଟନ ଦ୍ୱାରା ପ୍ରଦାନ କରାଯାଉଥିବା ସୁବିଧାର ଅନୁପସ୍ଥିତି ଦେଖାଯାଉଥିଲା । ସେ ସମୟରେ ଭଲ ରାସ୍ତା ନଥିଲା, କୌଣସି ପ୍ରକାର ମାନଚିତ୍ର ନଥିଲା, ରାସ୍ତାରେ ମଧ୍ୟ ସୁରକ୍ଷାର କିଛି ବନ୍ଦୋବସ୍ତ ନଥିଲା । ତଥାପି ନୂତନ ସ୍ଥାନର ଅନୁସନ୍ଧାନ ମାନବ ସଭ୍ୟତାର ଧୀର ଅଭିବୃଦ୍ଧି ଓ ଆଦିମାନବର ବାସସ୍ଥଳୀ ସମ୍ବନ୍ଧରେ ତଥ୍ୟ ପ୍ରଦାନରେ ସହାୟକ ହୋଇଛି ।

ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ କିଛି ଭାରତୀୟଙ୍କର ତିବ୍ବତ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳକୁ ଦୁଃସାହସିକ ପଦଯାତ୍ରା ହୋଇଥିଲା । ସେ ସମୟରେ ମାନଚିତ୍ରରେ ତିବ୍ବତକୁ ବିଶାଳ ଧଳା ଖାଲି ସ୍ଥାନ ରୂପରେ ଦର୍ଶାଯାଉଥିଲା । କାରଣ ଏହା ବରଫ ଦ୍ୱାରା ଆଚ୍ଛାଦିତ ଥିଲା । ଏହାର ମୂଳ ଶାସକ ମାନେ ସନ୍ଦେହୀ ଏବଂ ଉଗ୍ର ଥିଲେ । ସେମାନେ ବିଦେଶୀ ଲୋକଙ୍କୁ ଦୂର ପ୍ରଦେଶରେ ପ୍ରବେଶ କରିବାକୁ ଅନୁମତି ଦେଉ ନ ଥିଲେ । ଅନ୍ୟ ପକ୍ଷରେ ଭାରତର ସର୍ବେକ୍ଷଣ ସଂସ୍ଥାର ବ୍ରିଟିଶ ଅଧିକାରୀମାନଙ୍କର ଏହି ଅଞ୍ଚଳର ସହର, ପର୍ବତ, ନଦୀ, ସଡ଼କପଥ ଓ ଗିରିପଥ ମାନଙ୍କ ବିଷୟରେ କୌଣସି ଜ୍ଞାନ ନଥିଲା ଯାହାକି ସେତେବେଳର ଭାରତର ରାଜଧାନୀ କଲିକତାର ଉତ୍ତରକୁ ମାତ୍ର ପାଞ୍ଚଶହ କି.ମି. ଦୂରବର୍ତ୍ତୀ ଥିଲା । ବ୍ରିଟିଶ ସରକାରଙ୍କୁ ତାଙ୍କର ଉତ୍ତର ସୀମା ଜଗିବାକୁ ସୂଚନାର ଆବଶ୍ୟକତା ଥିଲା । ସେତେବେଳେ ମହମ୍ମଦ ହମୀଦ୍ ନାମକ ଜଣେ ଯୁବ କିରାଣୀ, ଯିଏକି ଭାରତୀୟ ସର୍ବେକ୍ଷଣ ସଂସ୍ଥାରେ କାର୍ଯ୍ୟରତ ଥିଲେ, ନୈନ ସିଂ ମନି ସିଂହ ଏବଂ କିଶନ ସିଂହ ପରି ଲଢୁଆ ଯୁବକମାନଙ୍କୁ ଉତ୍ତର ପଟକୁ ଯିବା ପାଇଁ ବଛା ଯାଇଥିଲା । ଏହି ଯୁବକମାନଙ୍କର ବୟସ ସେତେବେଳେ ୩୦-୪୦ ବର୍ଷ ଥିଲା । ସିଂହ ଭାଇମାନଙ୍କୁ 'ପଣ୍ଡିତ' ବୋଲି ଆଖ୍ୟା ଦେଇ ବୌଦ୍ଧ ତୀର୍ଥଯାତ୍ରୀ ବା ବେପାରୀ ରୂପରେ ଗୁପ୍ତ ଭାବରେ ମୂଲ୍ୟବାନ୍ ସୂଚନା ସଂଗ୍ରହ ନିମନ୍ତେ ପଠାଯାଉଥିଲା । କାରଣ ସେମାନେ ଭାରତୀୟ-ତିବ୍ବତ ସୀମାର ନିକଟବର୍ତ୍ତୀ ବାସିନ୍ଦା ଥିଲେ ଏବଂ ସେମାନେ ତିବ୍ବତୀ ରୂପେ ଜଣାପଡୁଥିଲେ । ଏହିସବୁ ଲୋକମାନେ ଯେଉଁ ଯାତ୍ରା କରିଥିଲେ, ତାହା ସ୍ଥାନଗୁଡ଼ିକର ରମଣୀୟ ସୌନ୍ଦର୍ଯ୍ୟର ଅବଲୋକନ ପାଇଁ ନଥିଲା ।

ମହମ୍ମଦ ହମୀଦ୍ ୧୮୬୩ ମସିହାରେ ଲଦାଖରୁ ଯାଇଥିଲେ ୟାରକନ୍ଦରେ ଛଅ ମାସ ରହିଥିଲେ । ସେ ନିଜ ଜୀବନକୁ ବାଜି ଲଗାଇ ଅନେକ ତଥ୍ୟ ହାସଲ କରିପାରିଥିଲେ । ଫେରିଲା ବେଳକୁ କାରାକୋରମ ପର୍ବତର ଦୁର୍ଗମ ରାସ୍ତା ହେତୁ ସେ ବେମାର ପଡ଼ିଗଲେ ଏବଂ ମୃତ୍ୟୁ ମୁଖରେ ପଡ଼ିଲେ । କିନ୍ତୁ ତାଙ୍କର ଭ୍ରମଣ କାହାଣୀ ବହୁତ ଉପଯୋଗୀ ଥିଲା ।



ଟିପ୍ପଣୀ

କିଶନ୍ ସିଂହ, ଯାହାଙ୍କର କୋଡ଼ ନାଁ ଥିଲା ଏ.କେ ସନ୍ ୧୮୭୦ରେ ଏଭରେଷ୍ଟ ଶୃଙ୍ଗର ଚତୁପାର୍ଶ୍ୱରେ ବୁଲି ଗୋବି ମାଳଭୂମି ଦେଇ ଲୋପ୍‌ନର୍ ହ୍ରଦ ପର୍ଯ୍ୟନ୍ତ ଯାଇପାରିଥିଲେ । ସେ ୪୫୦୦କି.ମି ଅତିକ୍ରମ କରିପାରିଥିଲେ । ଚାରିବର୍ଷ ପରେ ଏହି ଲଢୁଆ "ଯାତ୍ରୀ ପର୍ଯ୍ୟଟକ" ଦାର୍ଜିଲିଂ ବାଟଦେଇ ଅନେକ ମୂଲ୍ୟବାନ୍ ସୂଚନା ସାଙ୍ଗରେ ଧରି ଫେରିଥିଲେ ।

ଏହି ବାହାଦୁର ଲଢୁଆ ମନୋବୃତ୍ତିର ଅନ୍ୱେଷଣକାରୀମାନଙ୍କର ଯାତ୍ରା ଅତ୍ୟନ୍ତ ବିପଦପୂର୍ଣ୍ଣ ଥିଲା । ସେମାନେ ଏକ ମହାନ୍ ସଂସ୍କୃତିର ମହାନ୍ ଲକ୍ଷ୍ୟ ନେଇ ଯାତ୍ରା କରିଥିଲେ କିନ୍ତୁ ଆଜି ପରିଭ୍ରମଣ ବ୍ୟବସାୟିକ ଉଦ୍ଦେଶ୍ୟରେ, ସୁଖର ଅନ୍ୱେଷଣର ଏବଂ ଅବକାଶ ଯାତ୍ରା ଛୁଟି ରିହାତି (Leave Travel concession) ପାଇବା ପାଇଁ କରାଯାଉଅଛି ।


## ୩୦.୩ ପର୍ଯ୍ୟଟନର ପ୍ରକାର ଭେଦ

ପର୍ଯ୍ୟଟନ ଓ ପର୍ଯ୍ୟଟକ ବିଭିନ୍ନ ପ୍ରକାରର ଅଟେ । ଏହା ରହିବା ସମୟ, ପରିବହନର ପ୍ରକାର, ଦୂରତା ଅନୁସାରେ, ଭ୍ରମଣ ଉଦ୍ଦେଶ୍ୟ, ପର୍ଯ୍ୟଟକମାନଙ୍କ ଦ୍ୱାରା ଦେୟ ମୂଲ୍ୟ ଉପରେ ଆଧାର କରି ଭିନ୍ନ ଭିନ୍ନ ହୋଇଥାଏ । ଏଠାରେ ଆମ୍ଭେମାନେ ଚାରି ପ୍ରାଥମିକ ପ୍ରକାରର ପର୍ଯ୍ୟଟନ ବିଷୟରେ ଆଲୋଚନା କରିବା । ଅନ୍ତରାଷ୍ଟ୍ରୀୟ ଏବଂ ସ୍ୱଦେଶୀୟ ପର୍ଯ୍ୟଟନ, ଲମ୍ବାରାସ୍ତା କିମ୍ବା କ୍ଷୁଦ୍ରରାସ୍ତାରେ ପର୍ଯ୍ୟଟନ ସର୍ବାଧିକ ମହତ୍ୱପୂର୍ଣ୍ଣ ପ୍ରକାର ଅଟେ । ଜଣେ ଅନ୍ତରାଷ୍ଟ୍ରୀୟ ପର୍ଯ୍ୟଟକ ଅନେକ ଦେଶର ଭୌଗୋଳିକ ସୀମାକୁ ଅତିକ୍ରମ କରିଥାଏ, ବିଭିନ୍ନ ଦେଶର ବିଭିନ୍ନ ପ୍ରକାର ମୁଦ୍ରାର ବ୍ୟବହାର କରିଥାଏ ଏବଂ ବିଭିନ୍ନ ଭାଷାର ମଧ୍ୟ ବ୍ୟବହାର କରିବାକୁ ପଡ଼ିଥାଏ । ବଡ଼ ବଡ଼ ଦେଶମାନଙ୍କରେ ଅନ୍ତରାଷ୍ଟ୍ରୀୟ ପର୍ଯ୍ୟଟନ ପାଇଁ ଅଧିକ ଆକର୍ଷଣ ଥାଏ । ଏହି ପ୍ରକାର ପର୍ଯ୍ୟଟନର ଅଧିକ ଦୂରତା ଅତିକ୍ରମ କରିବାକୁ ପଡ଼ିଥାଏ କିନ୍ତୁ ଛୋଟ ଆକାରର ଦେଶମାନେ ଯଥା ନେଦରଲ୍ୟାଣ୍ଡ, ବାଲାଂଦେଶ, ନେପାଳ  କିମ୍ବା ଶ୍ରୀଲଙ୍କା ଇତ୍ୟାଦି ପାଇଁ ପଡ଼ୋଶୀ ଦେଶରେ ପହଞ୍ଚିବା ପାଇଁ ବହୁତ କମ୍ ଦୂରତା ଅତିକ୍ରମ କରିବାକୁ ପଡ଼ିଥାଏ ।

ଅନ୍ୟପକ୍ଷରେ ଦେଶୀୟ ପର୍ଯ୍ୟଟନରେ ନିଜ ଦେଶରେ ଭ୍ରମଣ କରିବାକୁ ପଡ଼ିଥାଏ । ଏଥିରେ ପାସପୋର୍ଟ ଯୋଗାଡ଼ କରିବା, ଭିସା ପାଇବା କିମ୍ବା ଗୋଟିଏ ମୁଦ୍ରାରୁ ଅନ୍ୟ ମୁଦ୍ରାକୁ ରୂପାନ୍ତର କରିବା ପରି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ି ନଥାଏ, ଏହିଭଳି ସୁଯୋଗ ଭାରତ ଭଳି ବଡ଼ ବଡ଼ ଦେଶମାନଙ୍କରେ ଦେଖିବାକୁ ମିଳିଥାଏ । ଆଜିକାଲି ଏହି ଦୁଇପ୍ରକାର ପର୍ଯ୍ୟଟନ ମଧ୍ୟରେ ପାର୍ଥକ୍ୟ ଦିନକୁ ଦିନ କମ୍ ହେବାରେ ଲାଗିଛି କାରଣ ଦେଶ ଦେଶ ମଧ୍ୟରେ ଯିବାଆସିବା ସରଳ ସୁଗମ୍ୟ ହେଲାଣ, ୟୁରୋପ ମହାଦେଶର ଅନେକ ଦେଶ ଆଜିକାଲି "ୟୁରୋପିଆନ୍ ସଂଘ"ରେ ସାମିଲ ହୋଇଗଲାଣି ଯାହାଫଳରେ କି ସେ ଦେଶର ସମସ୍ତ ନାଗରିକମାନେ ବର୍ତ୍ତମାନ ଘରୋଇ ପର୍ଯ୍ୟଟକର ମାନ୍ୟତା ପାଇସାରିଲାଣି । ଆମେରିକା ଓ କାନାଡ଼ା ଦୁଇ ବନ୍ଧୁ ରାଷ୍ଟ୍ର ମଧ୍ୟରେ ଥିବା ପ୍ରତିବନ୍ଧକ ହଟିବାରେ ଲାଗିଲାଣି । ଏପରିକି ଭାରତ ଏବଂ ପାକିସ୍ତାନ ମଧ୍ୟରେ ପର୍ଯ୍ୟଟନ ଶିଳ୍ପର ଅଗ୍ରଗତି ହେଲାଣି । ଭାରତ ଓ ନେପାଳ ମଧ୍ୟରେ ମୁକ୍ତ ପର୍ଯ୍ୟଟନ ନୀତିର ଅନୁସରଣ କରାଯାଉଅଛି ।



ଟିପ୍ପଣୀ




***ଚିତ୍ର ୩୦.୧ ପର୍ଯ୍ୟଟନ କ୍ଷେତ୍ରର ପ୍ରକାର ଏବଂ ପର୍ଯ୍ୟଟନର ପ୍ରକାର***

(Types Tourist Area and Tourism)

ଦୂରତା ଅନୁସାରେ ପର୍ଯ୍ୟଟନ ଦୁଇ ପ୍ରକାରର ଅଟେ ।

(କ) ୩୦୦୦କି.ମିରୁ ଊର୍ଦ୍ଧ୍ୱ ଯାତ୍ରାଗୁଡ଼ିକ ଲମ୍ବା ରାସ୍ତାର ପର୍ଯ୍ୟଟନ ଅନ୍ତର୍ଭୁକ୍ତ ।

(ଖ) ଏହି ଦୂରତାରୁ କମ୍ ହେଲେ ସ୍ୱଳ୍ପ ରାସ୍ତାର ପର୍ଯ୍ୟଟନ କୁହାଯାଏ ।

ବିମାନ ସେବା ଓ ବଜାର ସୁବିଧା ପ୍ରଦାନ ହେତୁ ଏହାକୁ ବିଚାର କରିବା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ବଡ଼ ଧରଣର ପର୍ଯ୍ୟଟନର ବିକାଶ ପାଇଁ ପର୍ଯ୍ୟଟକମାନଙ୍କର ସୁଖ ସୁବିଧା ମଧ୍ୟ ବଡ଼ ଧରଣର କରିବାକୁ ପଡ଼ିଥାଏ । ଭୌଗୋଳିକ ଦୃଷ୍ଟିରୁ ବିଚାର କଲେ ପର୍ଯ୍ୟଟନ ସ୍ଥାନୀୟ ଅଞ୍ଚଳରୁ ନେଇ ରାଷ୍ଟ୍ରୀୟ କିମ୍ବା ବିଶ୍ୱସ୍ତରୀୟ ପର୍ଯ୍ୟନ୍ତ ବ୍ୟାପ୍ତ ଅଟେ । ଘରୋଇ ପର୍ଯ୍ୟଟନ ବିଭିନ୍ନ ଉଦ୍ଦେଶ୍ୟରେ ମଧ୍ୟ ହୋଇଥାଏ । ଏହା ୨ଟି ସହର ମଧ୍ୟରେ ସୀମିତ ହୋଇପାରେ, ସହର ବାହାରେ ସମୁଦ୍ର ଉପକୂଳ ସ୍ଥାନ ହୋଇପାରେ, ହ୍ରଦ ବା ଗ୍ରାମୀଣ କ୍ଷେତ୍ର ହୋଇପାରେ କିମ୍ବା ଏହାର ବିପରୀତ ମଧ୍ୟ ହୋଇପାରେ । ପର୍ଯ୍ୟଟନର ବିକାଶ ପାଇଁ ଯୋଜନା କଲାବେଳେ ଭୂମିର ଉପଲବ୍ଧତା, ଉପଯୁକ୍ତ ସ୍ଥାନ ଓ ଅନୁକୂଳ ପରିବେଶ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ ।

ପ୍ରାଦେଶିକ ଏବଂ ରାଷ୍ଟ୍ରୀୟ ସ୍ତରରେ ପର୍ଯ୍ୟଟନର କ୍ଷେତ୍ର ଅଧିକ ବିସ୍ତୃତ ଅଟେ ଏବଂ ପର୍ଯ୍ୟଟନର ସ୍ୱରୂପରେ ଅନେକ ବିବିଧତା ପରିଲକ୍ଷିତ ହୁଏ । ପର୍ଯ୍ୟଟନର ବିକାଶ ପାଇଁ ଆମକୁ ନୂଆ ସ୍ଥାନର ଅନ୍ୱେଷଣ ଜାରି ରଖିବାକୁ ପଡ଼ିବ ଯାହାଦ୍ୱାରା କି ପୁରାତନ ପର୍ଯ୍ୟଟନ ସ୍ଥଳୀମାନଙ୍କରେ ଭିଡ଼ କମିଯିବ ।

ବିଶ୍ୱସ୍ତରୀୟ ପର୍ଯ୍ୟଟନରେ ଦେଖାଯାଏ ଯେ, କେଉଁ ଦେଶମାନଙ୍କରୁ ଅଧିକ ପର୍ଯ୍ୟଟକ କେଉଁ କେଉଁ ଦେଶକୁ ଅଧିକ ମାତ୍ରାରେ ବୁଲି ଯାଉଛନ୍ତି । ଉତ୍ତର ଗୋଲାର୍ଦ୍ଧରେ ଏହାର ଉତ୍ତର ଭାଗରୁ ଦକ୍ଷିଣ ଭାଗକୁ କିନ୍ତୁ ଭାରତ ବର୍ଷରେ ପଶ୍ଚିମ ଦିଗରୁ ପୂର୍ବ ଦିଗ ଆଡ଼କୁ ଅର୍ଥାତ୍ ପଶ୍ଚିମରେ ଥିବା ବିକଶିତ ଦେଶରୁ ଆମ ଦେଶ ଆଡ଼କୁ ।

ପର୍ଯ୍ୟଟନ ସ୍ଥଳିଗୁଡ଼ିକ ମଧ୍ୟରେ ଯିବା ଆସିବା ଗୋଟିଏ ଦେଶର ଆକର୍ଷଣ କ୍ଷମତା ଏବଂ ବ୍ୟବସାୟିକ ଓ ସାଂସ୍କୃତିକ ସମ୍ପର୍କ ଉପରେ ନିର୍ଭର କରେ । ଅନ୍ତରାଷ୍ଟ୍ରୀୟ ପର୍ଯ୍ୟଟନ ପାଇଁ ମୂଳଦେଶର ବାସିନ୍ଦା ଏକ ପ୍ରକାରର ଅଟନ୍ତି ଏବଂ ଗନ୍ତବ୍ୟ ଦେଶର ବାସିନ୍ଦା ଅନ୍ୟ ପ୍ରକାର ହୋଇଥାଏ । ପ୍ରଥମ ପ୍ରକାର କ୍ଷେତ୍ର "ପର୍ଯ୍ୟଟକ-ଉତ୍ପାଦକ କ୍ଷେତ୍ର" କୁହାଯାଏ ଏବଂ ଅନ୍ୟକୁ "ପର୍ଯ୍ୟଟକ ଗନ୍ତବ୍ୟ କ୍ଷେତ୍ର" କୁହାଯାଏ । ଉଦାହରଣ ସ୍ୱରୂପ ଭାରତରେ "ପର୍ଯ୍ୟଟକ-ଉତ୍ପାଦକ କ୍ଷେତ୍ର" ଅଧିକାଂଶ ପଶ୍ଚିମ ୟୁରୋପ କିମ୍ବା ଉତ୍ତର ଆମେରିକା ଅଟେ । ଏଗୁଡ଼ିକ ଆମର ପର୍ଯ୍ୟଟକ ବଜାର ଅଟନ୍ତି । "ପର୍ଯ୍ୟଟକ ଗନ୍ତବ୍ୟ କ୍ଷେତ୍ର" ଆମ ଦେଶ ଅଟେ । ଆଗନ୍ତୁକ ପର୍ଯ୍ୟଟକମାନଙ୍କ ରହିବା ପାଇଁ ଆମକୁ ଅନେକ ଭଲ ହୋଟେଲ କିମ୍ବା ଶିବିର ଆୟୋଜନ କରିବାକୁ ହେବ । ଏହା ଆମର କର୍ତ୍ତବ୍ୟ ଅଟେ । ଆମକୁ ମଧ୍ୟ ଏମିତି ଆକର୍ଷଣ ସୃଷ୍ଟି କରିବାକୁ ହେବ, ଯାହାକି ସେମାନଙ୍କର ଦେଶରେ ମିଳେନାହିଁ ।

ତୃତୀୟ ପ୍ରକାରର କ୍ଷେତ୍ର ହେଉଛି ଯେଉଁଠାରୁ ପର୍ଯ୍ୟଟକମାନେ ଆସୁଛନ୍ତି ଏବଂ ଯେଉଁଠିକି ଆସୁଛନ୍ତି ତା ମଧ୍ୟରେ ପରିବହନର ସୁବିଧା ପରିବହନର ଦକ୍ଷତା ଏବଂ ଆରାମଦେୟତା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଅଟେ ।

ପର୍ଯ୍ୟଟକମାନଙ୍କର ଭ୍ରମଣର ଉଦ୍ଦେଶ୍ୟ ଅନୁସାରେ ତିନି ପ୍ରକାରର ପର୍ଯ୍ୟଟନ ଅଛି (କ) ସମାନ ରୁଚିର ପର୍ଯ୍ୟଟନ (ଖ) ଅବକାଶ ବା ଛୁଟି ବିତାଇବା ପର୍ଯ୍ୟଟନ (ଗ) ବ୍ୟବସାୟିକ ପର୍ଯ୍ୟଟନ । ପ୍ରଥମତଃ ପର୍ଯ୍ୟଟକ ଅତିଥି ତଥା ପର୍ଯ୍ୟଟନ ସ୍ଥଳର ଅଧିବାସୀମାନଙ୍କର ଅତିଥେୟତାର ଉଦ୍ଦେଶ୍ୟ ଏକ ଅଟେ । ଏଥିରେ କିଛି ଚାପ ନଥାଏ । ଅବକାଶ ପର୍ଯ୍ୟଟନ ସର୍ବାଧିକ ଲୋକପ୍ରିୟ ଅଟେ । ଏଥିରେ ଭଲ ପାଗର ଦରକାର ପଡ଼ିଥାଏ କାରଣ ପର୍ଯ୍ୟଟକମାନେ ବିଭିନ୍ନ ସ୍ଥାନକୁ ମନୋରଞ୍ଜନ ଉଦ୍ଦେଶ୍ୟରେ ଯାଇଥାନ୍ତି, ସାଂସ୍କୃତିକ ଐତିହାସିକ ସ୍ଥାନ ବିଷୟରେ ଅବଗତ ହେବାକୁ ଯାଇଥାନ୍ତି । ବ୍ୟବସାୟିକ ପର୍ଯ୍ୟଟକମାନେ ବାଣିଜ୍ୟମେଳା ଉଦ୍ଦେଶ୍ୟରେ କିମ୍ବା ସମ୍ମିଳନୀରେ ଭାଗନେବା ଉଦ୍ଦେଶ୍ୟରେ ଯାତ୍ରା କରିଥାନ୍ତି । ତଥାପି ସମସ୍ତ ସୁଖ ସୁବିଧା ପାଇବା ପାଇଁ ସେମାନେ ମଧ୍ୟ ହକଦାର ଅଟନ୍ତି ।

- ପର୍ଯ୍ୟଟନକୁ ବିଭିନ୍ନ ଉପାୟରେ ବର୍ଗୀକୃତ କରାଯାଇଅଛି । ରହିବାର ସମୟ, ପରିବହନର ଉପାୟ, ଯାତ୍ରାର ଉଦ୍ଦେଶ୍ୟ ଏବଂ ସେମାନଙ୍କ ଦ୍ୱାରା ଦିଆଯାଇଥିବା ଦେୟ ମଧ୍ୟ ବିଚାରକୁ ନିଆଯାଇଥାଏ ।

## ପାଠ୍ୟଗତ ପ୍ରଶ୍ନ ୩୦.୧

୧.(କ) ଅନ୍ତରାଷ୍ଟ୍ରୀୟ ପର୍ଯ୍ୟଟକ କୌଣସି ଅନ୍ୟ ଏକ ଦେଶରେ ଏକ ________ ପ୍ରବାସୀ ଅଟେ ।
(ଅସ୍ଥାୟୀ / ସ୍ଥାୟୀ)

(ଖ) ଆଧୁନିକ ପର୍ଯ୍ୟଟନ ନିଜ ଇଚ୍ଛାରେ ହୋଇଥାଏ, ________ ବର୍ଗର ବ୍ୟକ୍ତି ଭ୍ରମଣ କରିବାର ସ୍ୱାଧିନତା ଅଛି । ( ଧନି/ ଯେ କୌଣସି ବ୍ୟକ୍ତି)

(ଗ) ପର୍ଯ୍ୟଟକ ଉତ୍ପନ୍ନ କରୁଥିବା ଦେଶ ପର୍ଯ୍ୟଟନ ପାଇଁ ________ ଅଟେ । ( ଗନ୍ତବ୍ୟ କ୍ଷେତ୍ର / ବଜାର)

(ଘ) ୟୁରୋପୀୟ ଦେଶମାନଙ୍କ ମଧ୍ୟରେ ଯାତ୍ରା କରିବା ଆଜିକାଲି ________ ଯାତ୍ରା ବିଚାର କରାଯାଉଅଛି । (ଘରୋଇ / ଅନ୍ତରାଷ୍ଟ୍ରୀୟ )

୨. ପର୍ଯ୍ୟଟନକୁ ବର୍ଗୀକରଣ କରିବା ପାଇଁ ଏହାର ପାଞ୍ଚଟି ଆଧାରକୁ ଚିହ୍ନଟ କର ।

(କ) ________

(ଖ) ________

(ଗ) ________

(ଘ) ________

(ଙ) ________

୩. ନିମ୍ନରେ ଦିଆଯାଇଥିବା ସ୍ତମ୍ଭକୁ ମିଳାଅ ।

| | (କ) | (ଖ) |
|---|---|---|
| (i) | ସ୍ୱଦେଶୀ ବା ଅନ୍ତରାଷ୍ଟ୍ରୀୟ ପର୍ଯ୍ୟଟନ ମଧ୍ୟରେ କିଛି ବା କୌଣସି ପାର୍ଥକ୍ୟ ନଥାଏ । | (i) ସ୍ଥାନୀୟ ପର୍ଯ୍ୟଟନ |
| (ii) | ପୁରାତନ କାଳରେ ଯାତ୍ରା ଏବଂ ଆଧୁନିକ ପର୍ଯ୍ୟଟନର ଏକ ସମାନ ବିଶେଷତା ବା ଲକ୍ଷଣ | (ii) ୩୦୦୦ କି.ମି କିମ୍ବା ଅଧିକ |
| (iii) | ଉଦୟପୁର ଜଣେ ନିବାସୀଙ୍କ ଦ୍ୱାରା ନିଜ ଅଞ୍ଚଳର ହ୍ରଦ ପରିଭ୍ରମଣ | (iii) ବୁଲିବାର ଲୋଭ |
| (iv) | ଲମ୍ବ ଦୂରତାର ପର୍ଯ୍ୟଟନ ଆମେରିକା | (iv) କାନାଡ଼ା ଏବଂ ଯୁକ୍ତରାଷ୍ଟ୍ର ମଧ୍ୟରେ |

## ପର୍ଯ୍ୟଟନରେ ପ୍ରକୃତିର ଭୂମିକା

## ୩୦.୪ ପାଗ ଓ ଜଳବାୟୁ ସମ୍ବଳ

ଭାରତ ଏକ ବିବିଧତାପୂର୍ଣ୍ଣ ଜଳବାୟୁର ଦେଶ ଅଟେ । ଭାରତର ପ୍ରାଦେଶିକ ଜଳବାୟୁର ବିଭିନ୍ନତାର ୫ଟି କାରଣ ହେଲା- (i) ଦେଶର ବିଶାଳ ଆକାର (ii) ଏହାର ଉପଦ୍ୱୀପୀୟ ଆକୃତି (iii) କର୍କଟ ବୃତ୍ତର ଦୁଇପାର୍ଶ୍ୱରେ ପ୍ରାୟ ସମାନ ଅକ୍ଷାଂଶଗତ ବିସ୍ତାର (iv) ଭାରତ ମହାସାଗର ଦ୍ୱାରା ବେଷ୍ଟିତ ଅବସ୍ଥିତି (v) ହିମାଳୟ ପର୍ବତ ଶୃଙ୍ଖଳା ଦ୍ୱାରା ଜଳବାୟୁର ବିଭାଜନ ଯାହାକି ଏହି ଉପ ମହାଦେଶ କେନ୍ଦ୍ର ଏସିଆର ଥଣ୍ଡା ପବନରୁ ବଞ୍ଚିତ ।

ଭାରତୀୟ ଉତ୍ତର ଭାଗର ଜଳବାୟୁ ଦକ୍ଷିଣ ଭାଗ ଠାରୁ ଭିନ୍ନ ଅଟେ । ସମୁଦ୍ର ନିକଟବର୍ତ୍ତୀ ଅଞ୍ଚଳର ଜଳବାୟୁ ଦେଶର ମଧ୍ୟଭାଗର ଜଳବାୟୁ ଠାରୁ ମଧ୍ୟ ଭିନ୍ନ ଅଟେ । ଭାରତର ବୃହତ୍ ସମତଳ ଭୂମିର ଜଳବାୟୁ ବରଫାବୃତ ହିମାଳୟର ଜଳବାୟୁ ଠାରୁ ଭିନ୍ନ ଅଟେ । ଏହି ମୁଖ୍ୟ ଅସମାନତାଗୁଡ଼ିକ ପର୍ଯ୍ୟଟକମାନଙ୍କୁ ଆମ ଦେଶରେ ରହିବା ପାଇଁ ଏବଂ ବିଭିନ୍ନ କାର୍ଯ୍ୟକଳାପ କରିବା ପାଇଁ ଅପୂର୍ବ ସୁଯୋଗ ସୃଷ୍ଟିକରିଥାଏ । ଆଗନ୍ତୁକ ପର୍ଯ୍ୟଟକ ନିଜ ଇଚ୍ଛାନୁସାରେ କୌଣସି ପ୍ରକାରର ଜଳବାୟୁ ଅଞ୍ଚଳରେ ରହିବା ପାଇଁ ଆଗ୍ରହ ପ୍ରକାଶ କରିପାରେ କିମ୍ବା ବଦଳୁଥିବା ଜଳବାୟୁ ବିଷୟରେ ବିଭିନ୍ନ ସ୍ଥାନ ପରିଭ୍ରମଣ କରି ଆନନ୍ଦ ନେଇପାରେ । ବିଭିନ୍ନତା ଯେତେ ଅଧିକ ହେବ, ବିକାଶର ସମ୍ଭାବନା ସେତେ ଅଧିକ ହୋଇଥାଏ ।


ଟିପ୍ପଣୀ

ଏହା ଜାଣିବା ବହୁତ ଅପରିହାର୍ଯ୍ୟ ଯେ ଭାରତର ହାରାହାରି ତାପମାତ୍ରା ମେ ଏବଂ ଜୁନ୍ ମାସ ବ୍ୟତୀତ କେଉଁଠାରେ ହେଲେ ୨୦° ସେଣ୍ଟିଗ୍ରେଡ୍‌ରୁ କମ୍ ନଥାଏ କିମ୍ବା ୩୩° ସେଣ୍ଟିଗ୍ରେଡ୍‌ରୁ ଅଧିକ ନଥାଏ । ଆମ ଦେଶର ଏହା ଏକ ବଡ଼ ଆକର୍ଷଣ ଯେ ପର୍ଯ୍ୟଟକମାନେ ବର୍ଷସାରା ସେମାନଙ୍କର କାର୍ଯ୍ୟକଳାପ କରିପାରିବେ । ରାଜ୍ୟ ଅନୁସାରେ ପର୍ଯ୍ୟଟକମାନେ ସବୁଠାରୁ ହାଲୁକା ଥଣ୍ଡା ଦକ୍ଷିଣ ଭାରତରେ ଉପଭୋଗ କରିପାରିବେ କିନ୍ତୁ ଉତ୍ତର ଭାରତରେ ଦକ୍ଷିଣ ଭାରତ ଅପେକ୍ଷା ୫°ରୁ ୯° ସେଣ୍ଟିଗ୍ରେଡ୍ ପର୍ଯ୍ୟନ୍ତ ଅଧିକ ଥଣ୍ଡା ଉପଭୋଗ କରିପାରିବେ ।

ଜାନୁୟାରୀ ମାସରେ ହିମାଳୟରେ ଅବସ୍ଥିତ ସିମଳା ଏବଂ ଶ୍ରୀନଗର ଠାରେ ଅତ୍ୟଧିକ ଥଣ୍ଡା ଅନୁଭୂତ ହୁଏ । ରାତ୍ରିର ତାପମାତ୍ରା -୩° ରୁ -୭° ସେଣ୍ଟିଗ୍ରେଡ୍‌ରେ ପହଞ୍ଚିଯାଏ । ମାସ ମାସ ଧରି ବରଫ ଜମାହେବା ଦ୍ୱାରା ଶୀତରତୁର କ୍ରୀଡ଼ା ଯେପରିକି 'ସ୍କିଇଙ୍ଗ୍ (sking)' ପାଇଁ ଏହା ଅନୁକୂଳ ହୋଇଥାଏ । ଗ୍ରୀଷ୍ମଦିନଗୁଡ଼ିକ ଜଳବାୟୁ ମନୋରମ ଅଟେ ଏବଂ ଏହା ଇଉରୋପୀୟ ପର୍ଯ୍ୟଟକମାନଙ୍କୁ ନିଜଦେଶର ଜଳବାୟୁ ପରି ଲାଗେ । ପର୍ଯ୍ୟଟନର ବୃଦ୍ଧି ଓ ବିକାଶ ପାଇଁ ଜଳବାୟୁର ବିଭିନ୍ନ ଦିଗ ଯଥା ଉଚ୍ଚ ତାପମାତ୍ରା କିମ୍ବା ନିମ୍ନ ତାପମାତ୍ରା, ବର୍ଷା କିମ୍ବା ବରଫପାତ, କୂଆପଥର ବୃଷ୍ଟି, ମେଘ ଖଣ୍ଡର ଉପସ୍ଥିତି ଇତ୍ୟାଦି ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ ।

- ତାପମାତ୍ରା ଓ ବୃଷ୍ଟିର ପରିମାଣରେ ପରିବର୍ତ୍ତନ, ବିଭିନ୍ନ ପ୍ରକାରର ପାଗ ପରିବର୍ତ୍ତନ ପର୍ଯ୍ୟଟନ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିଥାଏ ।
- ଦେଶର ଅଧିକାଂଶ ଭାଗରେ ବର୍ଷସାରା ୨୦°ରୁ ୩୩° ସେଣ୍ଟିଗ୍ରେଡ୍ ତାପମାତ୍ରା ରହିବା ହେତୁ ପର୍ଯ୍ୟଟକମାନେ ବିଭିନ୍ନ ପ୍ରକାରର କାର୍ଯ୍ୟକଳାପ କରିପାରିବେ ।
- ଦକ୍ଷିଣ ଭାରତର ହାଲକା ଥଣ୍ଡା, ଶୈଳ ନିବାସରେ ସୁଖପ୍ରଦ ଗ୍ରୀଷ୍ମାବକାଶ, ମୌସୁମୀ ବର୍ଷାର ଆନନ୍ଦ ପର୍ଯ୍ୟଟକମାନଙ୍କ ପାଇଁ ବର୍ଷସାରା ଅପୂର୍ବ ସୁଯୋଗ ଆଣିଦେଇଥାଏ ।

## ୩୦.୫ ଭୂ-ଦୃଶ୍ୟ ସମ୍ବଳ

ଭୂବିଜ୍ଞାନ ଓ ଭୂମିରୂପ ଭୂ-ଦୃଶ୍ୟ ସମ୍ବଳର ଦୁଇଟି ପ୍ରଧାନ ଆଧାର ଅଟେ । ଏମାନଙ୍କ ବିଷୟରେ ଜାଣିବାର ଆଗ୍ରହ ଏକ ନୂତନ ଶବ୍ଦ "ଭୂ ବିଜ୍ଞାନିକ ପର୍ଯ୍ୟଟନ"Geo-Science Tourism ର ସୃଷ୍ଟି କରେ । ଉଭୟ ଜଳବାୟୁ ଓ ଏହାଦ୍ୱାରା କେଉଁଠାରେ ଆରୋହଣ ପାଇଁ ପର୍ବତ ଶିଖର, ଗ୍ଲାଇଡ୍‌ରରେ ଝୁଲିବା ପାଇଁ ପାହାଡ଼ର ତୀଖ ସଳଖ ପାର୍ଶ୍ୱ, ସ୍କିଇଙ୍ଗ୍ ପାଇଁ ବରଫ ଆଚ୍ଛାଦିତ ଗଡ଼ାଣିଆ ଅଞ୍ଚଳ ଓ ଗୁମ୍ଫାମାନଙ୍କର ସନ୍ଧାନ କରାଯାଏ ଏବଂ ପାରିପାର୍ଶ୍ୱିକ ଦୃଶ୍ୟ ଉପଭୋଗ କରିବା ପାଇଁ ଏଗୁଡ଼ିକୁ ଉପଯୋଗ କରାଯାଏ । ବିଶେଷ କରି ଡ଼େକାନ ମାଳଭୂମି ଓ ଲାଦାଖ ଅଞ୍ଚଳର ଶିଳା ସଂରଚନା ପର୍ଯ୍ୟଟକମାନଙ୍କର ଟ୍ରେକିଙ୍ଗ ପାଇଁ ଏକ ପ୍ରଧାନ ଆକର୍ଷଣ ଅଟେ । ଶାନ୍ତ, ଗ୍ରାମୀଣ ପ୍ରାକୃତିକ ଦୃଶ୍ୟ ପର୍ଯ୍ୟଟକମାନଙ୍କୁ କିଛି ସମୟ ପାଇଁ ଅଣସହରୀ ଜୀବନ ଅନୁଭବ କରିବା ପାଇଁ ଆକର୍ଷିତ କରେ । ସ୍ୱଚ୍ଛ, ସୁନ୍ଦର ଓ ପ୍ରଦୂଷଣ ମୁକ୍ତ ଗ୍ରାମ୍ୟ ପରିବେଶର ସଡ଼କ ଓ କେନାଲ କୂଳ ରାସ୍ତାରେ ସାଇକେଲ୍ ଚଳାଇବା, ଘୋଡ଼ା ପିଠିରେ ଚଢ଼ି କରିଯିବା କିମ୍ବା ପାଦରେ ଚାଲି ଚାଲି ଯିବାରେ ଏକ ପ୍ରକାରର ଅଲଗା ଆନନ୍ଦ ଥାଏ । ଜଳଭାଗ କିମ୍ବା ଜଳାଶୟ ଗୁଡ଼ିକ ମଧ୍ୟ ପ୍ରାକୃତିକ ଦୃଶ୍ୟର ଅର୍ନ୍ତଭୁକ୍ତ ଅଟେ । ନଦୀକୂଳ, ଗଭୀର ନଦୀ ଗଣ୍ଡ, ଜଳପ୍ରପାତ, ଉଷ୍ଣ ଓ ଖଣିଜ ଜଳର ଝରଣା ପର୍ଯ୍ୟଟକମାନଙ୍କୁ ଅପୂର୍ବ ଦୃଶ୍ୟ ପ୍ରଦାନ କରେ । ସୌଭାଗ୍ୟବଶତଃ ଭାତତ ଏସବୁ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଅଟେ । ସୂର୍ଯ୍ୟ ସ୍ନାନ ଓ ଦୁଃସାହସିକ ନୌକା ଚାଳନା ମଧ୍ୟ ଜଳ ପର୍ଯ୍ୟଟନ ସହ ଜଡ଼ିତ ଅଟେ ।



ଟିପ୍ପଣୀ

ହିମାଳୟ ପୃଥିବୀର ସର୍ବୋଚ୍ଚ ପର୍ବତ ଶ୍ରେଣୀ ଅଟେ । ଏହାର ଲୋଭନୀୟ ପ୍ରାକୃତିକ ପରିବେଶ ପର୍ବତାରୋହୀ ଓ ପଦଯାତ୍ରୀମାନଙ୍କୁ ନିଜ ଆଡ଼କୁ ଟାଣିଆଣେ । ଏହା ବିଡ଼ମ୍ବନା ଯେ ଇଂରେଜ ଶାସକମାନେ ସିମଳା ସହରର ପ୍ରଧାନ ଡାକ୍ତରଖାନାକୁ (୨୦୦୦ମି. ଉଚ୍ଚରେ ଅବସ୍ଥିତ) ତାଙ୍କ ଦେଶର ସର୍ବୋଚ୍ଚ ବରଫ ଆଚ୍ଛାଦିତ ଗିରିଶୃଙ୍ଗର ନାମ ଅନୁସାରେ ନାମକରଣ କରିଛନ୍ତି ( ଯାହାର ଉଚ୍ଚତା କେବଳ ୧୦୮୫ମିଟର) ।

ଭୂ-ଆକୃତି ଓ ଏହାର ବୈଶିଷ୍ଟ୍ୟ ଉପରେ ପର୍ଯ୍ୟଟକମାନଙ୍କର ପସନ୍ଦ ଜାଣିବା ଏକ ଆଗ୍ରହର କଥା ଅଟେ । ଯୁକ୍ତରାଜ୍ୟରେ ହୋଇଥିବା ଏକ ଛୋଟ ଗବେଷଣାରୁ ଜଣାଯାଇଛି ଯେ ଅଧିକ ପର୍ଯ୍ୟଟକ ପର୍ବତକୁ ପସନ୍ଦ କରୁଥିବାବେଳେ ଖୁବ୍ କମ୍ ପର୍ଯ୍ୟଟକ ନିମ୍ନଭୂମିକୁ ପସନ୍ଦ କରନ୍ତି । ପବତର ଉଚ୍ଚଭୂମି ଉପରେ ଛିଡ଼ା ହୋଇ ପାହାଡ଼ିଆ ଅଞ୍ଚଳର ସୁନ୍ଦର ପ୍ରାକୃତିକ ଦୃଶ୍ୟ ଯେପରିକି ଗଭୀର ଉପତ୍ୟକା, ଉଚ୍ଚ ଗିରିଶୃଙ୍ଗ, ତୀଖ ପର୍ବତ ଶ୍ରେଣୀ ଏବଂ କଟା ଯାଇଥିବା ଉଚ୍ଚ ଢ଼ାଲୁ ଅଞ୍ଚଳ ଗୁଡ଼ିକର ଶୋଭା ଉପଭୋଗ କରିହୁଏ । ଅପର ପକ୍ଷରେ ତରଙ୍ଗାୟୀତ ମାଳଭୂମି ଓ ସମତଳ ଭୂମି ଗୁଡ଼ିକ ନିମ୍ନ ଅଞ୍ଚଳରୁ ବହୁ ଦୂର ପର୍ଯ୍ୟନ୍ତ ଏକାପରି ଦେଖାଯାଇଥାଏ । ନିମ୍ନ ସାରଣୀ ଦର୍ଶକମାନଙ୍କର ଉଚ୍ଚରୁ ନିମ୍ନଭୂମିକୁ ପସନ୍ଦ କରିବାର କ୍ରମ ବିଷୟରେ ସୂଚନା ଦିଏ ।

**ସାରଣୀ ୩୦.୧- ପର୍ଯ୍ୟଟକମାନଙ୍କର ବିଭିନ୍ନ ଭୂମିରୂପ ପାଇଁ ପସନ୍ଦ**

| ଭୂମିରୂପ (ଭୂଆକୃତି) | ପର୍ଯ୍ୟଟକମାନଙ୍କ ପସନ୍ଦ | କ୍ରମ |
|---|---|---|
| ପର୍ବତ | ୭୫ | ୧ |
| ଉଚ୍ଚ ପାହାଡ଼ | ୬୧ | ୨ |
| ପାହାଡ଼ିଆ ଅଞ୍ଚଳ | ୫୩ | ୩ |
| ପଥୁରିଆ ଉଚ୍ଚ ଭୂମି | ୪୭ | ୪ |
| ଉଚ୍ଚ ଭୂମି | ୪୬ | ୫ |
| ନିମ୍ନ ଭୂମି | ୩୭ | ୬ |

ମାଳଭୂମି ଓ ସମତଳଭୂମି ଗୁଡ଼ିକ ସେମାନଙ୍କର ଚଟକା ଭୂଭାଗ ପାଇଁ କମ୍ ରୁଚିକର ବୋଲି ବିବେଚନା କରାଯାଏ କିନ୍ତୁ ସମୁଦ୍ର କୂଳରେ ଚଟକା ଭୂମି ପର୍ଯ୍ୟଟକମାନଙ୍କର ବସବାସ ନିମନ୍ତେ, ବଡ଼ ବଡ଼ ପ୍ରାସାଦ ନିର୍ମାଣ କରିବା ପାଇଁ ଅତ୍ୟନ୍ତ ମୂଲ୍ୟବାନ୍ ଅଟେ । ଅର୍ନ୍ତଦେଶୀୟ ଜଳଭାଗ ଯଥା ହ୍ରଦ, ଜଳାଶୟ, ନଦୀ, କେନାଲ ଓ ଜଳପ୍ରପାତ ଗୁଡ଼ିକ ପର୍ଯ୍ୟଟକ ମାନଙ୍କୁ ନିଜ ପାଖକୁ ଆକର୍ଷିତ କରି ଟାଣି ଆଣୁଥିବାରୁ, ଏମାନଙ୍କ ନିକଟରେ ଥିବା ଚଟକା ଅଞ୍ଚଳ ଗୁଡ଼ିକ ମଧ୍ୟ ବହୁତ ଉପାଦେୟ ହୋଇପଡ଼େ ।





ପର୍ବତ ଏବଂ ଉଚ୍ଚଭୂମି ଗୁଡ଼ିକରେ ଥିବା ପଥୁରିଆ ଅଞ୍ଚଳ ଗୁଡ଼ିକର ବନ୍ୟ ପ୍ରାକୃତିକ ଦୃଶ୍ୟ ଖୁବ୍ ଆକର୍ଷଣୀୟ ଅଟେ । ଜଙ୍ଗଲ ଥିବା ଅଞ୍ଚଳର ଦୃଶ୍ୟ ଏକାପରି ମନ ମୁଗ୍ଧକର ମଧ୍ୟ । ଏହି କାରଣରୁ ପ୍ରକୃତି ଓ ପ୍ରାକୃତିକ ସମ୍ବଳର ସଂରକ୍ଷଣ ନିମନ୍ତେ ଆର୍ନ୍ତଜାତୀୟ ସଂଗଠନ, ଜାତୀୟ ଉଦ୍ୟାନ, ଅଭୟାରଣ୍ୟ ଓ ଜୀବ ମଣ୍ଡଳ ସଂରକ୍ଷିତ ସଂସ୍ଥାଗୁଡ଼ିକୁ ପର୍ଯ୍ୟଟନ ବିନା ଅନ୍ୟ କୌଣସି କାର୍ଯ୍ୟରେ ବ୍ୟବହାର କରାଯାଇପାରିବ ନାହିଁ ବୋଲି ଘୋଷଣା କରିଛି । ବର୍ତ୍ତମାନ ବନ୍ୟପ୍ରାଣୀମାନଙ୍କୁ ଚିଡ଼ିଆ ଘର କିମ୍ବା ଜାତୀୟ ଉଦ୍ୟାନମାନଙ୍କରେ ନଦେଖି ସେମାନଙ୍କର ପ୍ରାକୃତିକ ସହବସ୍ଥାନ ମଧ୍ୟରେ ଦେଖିବାକୁ "ପ୍ରକୃତି ପର୍ଯ୍ୟଟନ" (Eco-Tourism) କୁହାଯାଉଛି । ଉଦ୍ଭିଦ ଓ ପ୍ରାଣୀମାନେ ନିର୍ଭର କରୁଥିବା ନିରୋଳା ପରିବେଶ ପର୍ଯ୍ୟଟନ ଭୂଦୃଶ୍ୟର ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ଅଟେ । ଯଦିଓ ଜଙ୍ଗଲ, ଜୈବ ବିବିଧତା ପାଇଁ ଏକ ସୁରକ୍ଷିତ ସ୍ଥାନ ଅଟେ । ତଥାପି ତୃଣଭୂମି, କୃଷିକ୍ଷେତ୍ର, ଆର୍ଦ୍ରଭୂମି, ପତିତ ବା ଅବ୍ୟବହୃତ ଭୂମି, ମରୁଭୂମି, ମଧୁର ଏବଂ ଲୁଣି ଜଳପୂର୍ଣ୍ଣ ହ୍ରଦ ସେମାନଙ୍କୁ ସୁରକ୍ଷା ପ୍ରଦାନ କରିଥାଏ ।

ଆଦ୍ରଭୂମିଗୁଡ଼ିକୁ ପତିତ ବା ଅବ୍ୟବହୃତ ଭୂମି କୁହାଯାଇ ନପାରେ । ଯଦିଓ ଏଗୁଡ଼ିକ ଶୁଷ୍କଭୂମି ଓ ଜଳାଶୟ ମଧ୍ୟରେ ଥିବା ପରିବର୍ତ୍ତିତ ଅଞ୍ଚଳ ଅଟେ । ଏହା ମଧ୍ୟ ଅନେକ ପ୍ରକାର ପ୍ରାଣୀମାନଙ୍କର ବାସସ୍ଥଳି ଅଟେ । ଏହି ଅଞ୍ଚଳ ନଦୀ, ପ୍ଲାବନ ଭୂମି, ବୃଷ୍ଟିପୃଷ୍ଠ ହ୍ରଦ ଓ ନଦୀମୁହାଣର ସନ୍ତସନ୍ତିଆ ମଧୁର ଓ ଲୁଣି ଜଳପୂର୍ଣ୍ଣ ଅଞ୍ଚଳକୁ ନେଇ ଗଠିତ । ଏହି ଅଞ୍ଚଳ ଗୁଡ଼ିକର ବିଶେଷତ୍ୱ ହେଉଛି ବର୍ଷର ଅଧିକାଂଶ ସମୟ ଜଳପୂର୍ଣ୍ଣ ହୋଇ ରହିଥାଏ । ସୁନ୍ଦର ବନ ଅଞ୍ଚଳର ଜୁଆରିଆ ସନ୍ତସନ୍ତିଆ ଭୂମି ବଙ୍ଗଳାର ରାଜକୀୟ ବାଘର ବାସସ୍ଥାନ ଅଟେ । ମଣିପୁରୀ ହରିଣ ଲୋକତକ ହ୍ରଦର ସନ୍ତସନ୍ତିଆ କାଦୁଅ ଉପତ୍ୟକାରେ ବାସକରେ । ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ବ୍ୟତୀତ ଏହି ଅଞ୍ଚଳରେ ବିଭିନ୍ନ ପ୍ରକାରର ଜଳଚର ପକ୍ଷୀ ମଧ୍ୟ ବାସକରନ୍ତି । ଭରତପୁରର ଘାନା ପକ୍ଷୀ ବିହାର ଏହାର ଏକ ଉଦାହରଣ ଅଟେ । ଆମ ଭାରତରେ ୫୮.୨ ନିୟୁତ ହେକ୍ଟର ଜମି ଆଦ୍ରଭୂମିର ଅର୍ନ୍ତଭୁକ୍ତ ଅଟେ । ଏହା ନଦୀଶଯ୍ୟାକୁ ଛାଡ଼ିଦେଇ ଧାନକ୍ଷେତ ଓ ନଦୀ ମୁହାଣର ଜୁଆରିଆ ଅଞ୍ଚଳକୁ ମଧ୍ୟ ବୁଝାଏ ।

ଯଦି ଅପକ୍ଷୟରୁ ବଞ୍ଚାଯାଇପାରିବ, ତେବେ ଏସିଆର ଦୀର୍ଘତମ ମଧୁର ଜଳପୂର୍ଣ୍ଣ ହ୍ରଦ କୋଲେରୁ ପର୍ଯ୍ୟଟକ ଓ ମତ୍ସ୍ୟଜିବୀମାନଙ୍କର ଏକ ଆକର୍ଷଣର ଉତ୍ସ ହୋଇପାରିବ । ଏହା ସମୁଦ୍ର କୂଳରୁ ୩୨କି.ମି ଦୂରରେ କୃଷ୍ଣା ଓ ଗୋଦାବରୀ ନଦୀଦ୍ୱୟର ଉପତ୍ୟକା ମଧ୍ୟରେ ଅବସ୍ଥିତ । ଏହା ମଧ୍ୟ ଏକ ପକ୍ଷୀ ବିହାର ଅଟେ ।


ଆଦ୍ରଭୂମି ଅନ୍ତଗତ ୩୬% ଭାଗ ଅଞ୍ଚଳ କେବଳ ପ୍ରାକୃତିକ ଜଳାଶୟ ଅଟେ ଓ ଅବଶିଷ୍ଟ ଭାଗ ମନୁଷ୍ୟକୃତ । ଯଦି ମନୁଷ୍ୟ ବିଫଳ ହୁଏ, ତେବେ ଆର୍ଦ୍ରଭୂମି ଗୁଡ଼ିକ ବିଫଳ ହେବ ଏବଂ ଏହା ଆଉ ପର୍ଯ୍ୟଟନ ସମ୍ବଳର ଏକ ଆକର୍ଷଣ ହୋଇରହିବ ନାହିଁ ।

ଏହା ସତ୍ତ୍ୱେ ବି ଭୂମିରୂପ ଓ ପ୍ରାକୃତିକ ଉଦ୍ଭିଦ, ମାନବ ଏବଂ ମାନବୀୟ ପ୍ରୟାସର ପର୍ଯ୍ୟଟନ କ୍ଷେତ୍ରମାନଙ୍କରେ ଉପସ୍ଥିତି କୌଣସି ଗୁଣରେ କମ୍ ମହତ୍ତ୍ୱପୂର୍ଣ୍ଣ ନୁହେଁ । ପାହାଡ଼କୁ କାଟି କରାଯାଇଥିବା ସମତଳ ଅଞ୍ଚଳ ଗୁଡ଼ିକ ଯେପରିକି ମହୀଶୂରର କାବେରୀ ନଦୀ ବ୍ୟାରେଜ ନିକଟରେ ଅବସ୍ଥିତ ଉଦ୍ୟାନ । କୋଲକତାର ବିଶାଳ ଜୀବ ମଣ୍ଡଳୀୟ ଉଦ୍ୟାନ ଏବଂ ଏହାର ନିକଟରେ ଥିବା ବାଡ଼ଦ୍ୱାରା ଆବଦ୍ଧ କୃଷିଭୂମି ଓ ତୃଣଭୂମି ଗୁଡ଼ିକ ମନୁଷ୍ୟ ଦ୍ୱାରା ସୃଷ୍ଟି । ବର୍ତ୍ତମାନ ଯୁଗରେ ମନୁଷ୍ୟ ଦ୍ୱାରା ବ୍ୟବହାର କରାଯାଉଥିବା ଏହିପରି ପ୍ରାକୃତିକ ଭୂଦୃଶ୍ୟ ଗୁଡ଼ିକୁ ଭୂମି ଉପଯୋଗ ଭୂଦୃଶ୍ୟ ବୋଲି କୁହାଯାଉଛି ।

- ◆ ଭାରତରେ ଥିବା ବିଭିନ୍ନ ପ୍ରଧାନ ଏବଂ ଗୌଣ ଭୂମିରୂପ ଏବଂ ଉନ୍ନତ ଜୈବ ବିବିଧତା, ପର୍ଯ୍ୟଟନ ସମ୍ବଳ ଓ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ପର୍ଯ୍ୟଟନର ବିକାଶର ଭିତ୍ତିଭୂମି ଅଟେ ।



ଟିପ୍ପଣୀ




*ଚିତ୍ର ୩୦.୨ - ଭାରତର ଜାତୀୟ ଉଦ୍ୟାନ ବନ୍ୟପ୍ରାଣୀ ସଂରକ୍ଷଣ ସଂସ୍ଥା (ମାନଚିତ୍ର)*

## ୩୦.୬ ସାମୁଦ୍ରିକ ଦୃଶ୍ୟ ପର୍ଯ୍ୟଟକ ସମ୍ବଳ


ଭାରତର ମୂଳ ଭୂଖଣ୍ଡ ଏବଂ ଦ୍ୱିପ ପୁଞ୍ଜ ଗୁଡ଼ିକର ଉପକୂଳ ଜଳରାଶି ପର୍ଯ୍ୟଟକମାନଙ୍କ ପାଇଁ ଅନ୍ୟ ଏକ ଆକର୍ଷଣର ଉତ୍ସ ଅଟେ । ବାଲୁକା ପୂର୍ଣ୍ଣ ବେଳାଭୂମି, କ୍ଷୁଦ୍ର ଉପସାଗର, ସମୁଦ୍ର ମଧ୍ୟକୁ ପଶିଯାଇଥିବା ସଂକୀର୍ଣ୍ଣ ଭୂଭାଗ, ଉପହ୍ରଦ, ସାଗର ନିମଜ୍ଜିତ ଶୈଳଶିରା ଏବଂ ମହୀଢ଼ାଲୁ ଅଞ୍ଚଳ ଗୁଡ଼ିକ ପର୍ଯ୍ୟଟକ ମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ଅଟେ । ପର୍ଯ୍ୟଟକମାନେ ଏହି ସ୍ଥାନମାନଙ୍କୁ ସୂର୍ଯ୍ୟ ସ୍ନାନ, ସନ୍ତରଣ, ନୌଚାଳନା ଓ ତରଙ୍ଗ କ୍ରିଡ଼ା କରିବା ପାଇଁ ପରିଦର୍ଶନରେ ଆସନ୍ତି । ଯେଉଁ ସ୍ଥାନମାନଙ୍କରେ ସାମୁଦ୍ରିକ ଜୁଆରର ପ୍ରଭାବ କମ୍ ଏବଂ ତରଙ୍ଗର ଉଚ୍ଚତା ଅଧିକ ନୁହେଁ, ସେଠାରେ ଏହି ଆମୋଦ ପ୍ରମୋଦ ସମ୍ଭବ ହୁଏ ।

ଛୁଟି କଟାଇବା ପାଇଁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ଏକ ପ୍ରଶସ୍ତ ଏବଂ ସୁନ୍ଦର ବେଳାଭୂମି ଅନୁକୂଳ ଅଟେ । ଯେଉଁ ସମୁଦ୍ର ଉପକୂଳରେ ସାଗର ଏବଂ ପର୍ଯ୍ୟଟନ ସୁବିଧା ସୁଯୋଗ ଗୁଡ଼ିକ ଉପଲବ୍ଧ ହୁଏ, ସେହିଠାରେ ହିଁ ଏହି ପ୍ରକାର ପର୍ଯ୍ୟଟନ ଅଧିକ ଲୋକପ୍ରିୟ ହୁଏ । ଯଦି ବଡ଼ ବଡ଼ ପ୍ରାସାଦ ଗୁଡ଼ିକ ସଂକୀର୍ଣ୍ଣ ବେଳାଭୂମିର ଅତି

ନିକଟରେ ନିର୍ମାଣ କରାଯାଇଥାଏ, ତେବେ ତାହା ଶିଘ୍ର ନଷ୍ଟ ହୋଇଯାଏ । ସମୁଦ୍ର ତରଙ୍ଗ ଦ୍ୱାରା କ୍ଷୟ ହେବା ଓ ଧୋଇଯିବାର ଭୟ ଥାଏ । ଯଦି ଜଣେ ବ୍ୟକ୍ତିଙ୍କୁ ବହୁତ ଦୂର ଗଡ଼ାଣିଆ ଅଞ୍ଚଳ ଦେଇ ଅଗଭୀର ଜଳରାଶି କିମ୍ବା ଅଳ୍ପ ଜୁଆର ଥିବା ଅଞ୍ଚଳରେ ପହଞ୍ଚିବାକୁ ପଡ଼େ ତେବେ ଏହା ଏକ ପର୍ଯ୍ୟଟକ ଉପକୂଳର ବିକାଶରେ ସହାୟକ ହୁଏନାହିଁ । ଉଭୟ ଉଚ୍ଚ ଏବଂ ତୀବ୍ର ଜୁଆରିଆ ଅଞ୍ଚଳ ପର୍ଯ୍ୟଟନ ପାଇଁ ବିପଦ ଶଙ୍କୁଳ ଅଟେ । ଏହା ଅନୁଧ୍ୟାନ କରାଯାଇଛି ଯେ ଗଙ୍ଗାନଦୀର ମୁହାଣ ଅପେକ୍ଷା ନର୍ମଦା ନଦୀର ମୁହାଣରେ ଜୁଆରର ପ୍ରଭାବ ଅଧିକ ଅଟେ । ତଥାପି ଏହି ଜୁଆରିଆ ତରଙ୍ଗ ଗୁଡ଼ିକ ଲାଭଦାୟକ ହୋଇପଡ଼େ କାରଣ ଏହା ସମୁଦ୍ର କୂଳରୁ ମଇଳା ସବୁ ଧୋଇ ନେଇ ଉପକୂଳକୁ ଏକ ସୁନ୍ଦର ବାଲୁକାମୟ ବେଳାଭୂମିରେ ପରିଣତ କରେ ।

ବାସ୍ତବିକ ବେଳାଭୂମି ଗୁଡ଼ିକର ରୂପାନ୍ତର ଏବଂ ବିକାଶ ଦ୍ୱାରା ପର୍ଯ୍ୟଟକମାନେ ଅଧିକ ଆକର୍ଷିତ ହୁଅନ୍ତି । ଉଦାହରଣ ସ୍ୱରୂପ ଯଦି କୌଣସି ଉପାୟରେ ଅପତଟ ସାମୁଦ୍ରିକ ସ୍ରୋତକୁ ନିୟନ୍ତ୍ରଣ କରାନଯାଏ, ତେବେ ଏହା ସନ୍ତରଣକାରୀ ଓ ଛୋଟ ବେଲୁନ୍ ନୌକା ଗୁଡ଼ିକୁ ସମୁଦ୍ର ମଧ୍ୟକୁ ଭସାଇ ନେବ । ସାଧାରଣତଃ ପର୍ଯ୍ୟଟକମାନେ ଏପରି ବେଳାଭୂମି ପସନ୍ଦ କରନ୍ତି ଯାହାକି ସେମାନଙ୍କୁ ଉଚ୍ଚ ଜୁଆର ଓ ପବନ କବଳରୁ ଆଶ୍ରୟ ଦେବା ସଂଗେ ସଂଗେ ଏକାନ୍ତତା ମଧ୍ୟ ଦେଇପାରିବ । ସ୍ୱଚ୍ଛ, ପ୍ରଦୂଷଣ ମୁକ୍ତ ଓ ସାମୁଦ୍ରିକ ଜୀବ ମାନଙ୍କ ଦ୍ୱାରା ପରିପୂର୍ଣ୍ଣ ଜଳରାଶି ମତ୍ସ୍ୟଜିବୀ ଓ ବୁଡ଼ାଳୀମାନଙ୍କର ଅଧିକ ପ୍ରିୟ ଅଟେ ।

ବେଳାଭୂମିକୁ ଗଠନ କରୁଥିବା ଉପାଦାନ ଯଥା- ବାଲି, କାଦୁଅ ଓ ବାଲିଗରଡ଼ା, ତରଙ୍ଗର ଆକାର ଓ ପ୍ରକୃତି, ଜୁଆର ଏବଂ ସ୍ରୋତ, ବେଳାଭୂମିର ଆକାର ଓ ସ୍ଥିରତା ଏବଂ ସମୁଦ୍ର ଉପକୂଳ ଗୁଡ଼ିକ ଏକାପରି ଗୁରୁତ୍ୱପୂର୍ଣ୍ଣ ଅଟେ । ବେଳାଭୂମି ଗୁଡ଼ିକୁ ପର୍ଯ୍ୟଟନ ପାଇଁ ନିବେଶ କରିବା ପୂର୍ବରୁ ଉକ୍ତ ଜଳଭାଗ ନିକଟସ୍ଥ ଭୂମିଗୁଡ଼ିକର ଗଠନ ଏବଂ ପ୍ରକୃତି ଉପରେ ଧ୍ୟାନ ଦିଆଯାଏ । ଉଚ୍ଚ ଅକ୍ଷାଂଶର ବେଳାଭୂମି ଗୁଡ଼ିକରେ ଅଧିକ ବାଲିଗରଡ଼ା ଦେଖାଯାଉଥିବାବେଳେ ବିଷୁବ ମଣ୍ଡଳୀୟ ଅଞ୍ଚଳରେ ବେଳାଭୂମି ଗୁଡ଼ିକ କର୍ଦ୍ଦମାକ୍ତ ଅଟେ । ଅନ୍ୟ ପକ୍ଷରେ କ୍ରାନ୍ତୀୟ ଲାକ୍ଷାଦ୍ୱୀପ ସାଗରର ଉଷ୍ମ ଓ ଅଗଭୀର ଜଳରାଶିର ପ୍ରବାଳ ବେଳାଭୂମି ଏବଂ ଆମର ଅଧିକାଂଶ




*ଚିତ୍ର ୩୦.୩- ବେଳାଭୂମିର ବିଭିନ୍ନ ଉପାଦାନ*

ବାଲୁକାମୟ ବେଳାଭୂମି ଗୁଡ଼ିକୁ ପର୍ଯ୍ୟଟନ ପାଇଁ ଅଧିକ ମାନ୍ୟତା ଦିଆଯାଏ । ପର୍ଯ୍ୟଟକମାନଙ୍କର ଏପରି ଲୋକପ୍ରିୟ ସୁବିକଶିତ ବେଳାଭୂମି ଭାରତରେ ବହୁତ କମ୍ ଦେଖାଯାଏ ।

ଘନ ଜନବସତି ଥିବା ନିକଟବର୍ତ୍ତୀ ଅଞ୍ଚଳ ଗୁଡ଼ିକରେ ପର୍ଯ୍ୟଟନ ନିମନ୍ତେ ଉଭୟ ଭୂଦୃଶ୍ୟ ସମ୍ବଳ ଓ ସାମୁଦ୍ରିକ ସମ୍ବଳର ବିକାଶ ପାଇଁ ଅଧିକ ଗୁରୁତ୍ୱ ଦିଆଯାଏ । ଏହି ସବୁ କାରଣରୁ ଯୋଜନା କାରୀମାନେ ପର୍ବତ, ଉପକୂଳ ଅଞ୍ଚଳ ଏବଂ ମରୁଭୂମି ଗୁଡ଼ିକରେ ପର୍ଯ୍ୟଟନ ବିକାଶ ପାଇଁ ସହମତ ପ୍ରକାଶ କରିଛନ୍ତି ।

- ବାଲୁକାପୂର୍ଣ୍ଣ ଓ ପ୍ରବାଳ ବେଳାଭୂମି ତଥା ଉଚ୍ଚ ସାମୁଦ୍ରିକ ତରଙ୍ଗ ଓ ଜୁଆର ସ୍ରୋତର ସୁରକ୍ଷିତ ସ୍ଥାନ, ବେଳାଭୂମି ପର୍ଯ୍ୟଟନର ବିକାଶରେ ସହାୟକ ହୁଏ ।

## ୩୦.୭ ଐତିହାସିକ ଏବଂ ସାଂସ୍କୃତିକ ସମ୍ବଳ

ଏହି ପ୍ରକାର ସମ୍ବଳଗୁଡ଼ିକର ସଂପଦ କୃତ୍ରିମ ଉପାୟରେ ସୃଷ୍ଟି କରାଯାଉଥିବା ଭୂଦୃଶ୍ୟ ଗୁଡ଼ିକରେ ଉପଲବ୍ଧ ଅଟେ । ଭାରତୀୟ ପର୍ଯ୍ୟଟନ ସମ୍ବଳର ଏହି ଅଂଶଗୁଡ଼ିକ ଦେଶର ପ୍ରତ୍ୟେକ ଅଞ୍ଚଳରେ ବିସ୍ତାର ଲାଭ କରିଛି । ଏଗୁଡ଼ିକ କିଛି ନା କିଛି ଐତିହାସିକ, ଧାର୍ମିକ ଏବଂ ସାଂସ୍କୃତିକ ଘଟଣାବଳୀ ସହିତ ଜଡ଼ିତ । ଭାରତର ସୁଦୀଘ ଇତିହାସ ବିଭିନ୍ନ ଧର୍ମ ଓ ବ୍ୟକ୍ତିମାନେ ଛାଡ଼ିଯାଇଥିବା ବାସ୍ତବ ତଥ୍ୟ ଦ୍ୱାରା ଭରପୁର ଅଟେ । ଏଥିରେ ଆମର କାରିଗର ମାନଙ୍କ ଦ୍ୱାରା ନିର୍ମାଣଧିନ ପ୍ରତିମୂର୍ତ୍ତି, ମନ୍ଦିର, ସମାଧିସ୍ଥଳ, ମିନାର, ଦୁର୍ଗ, ରାଜପ୍ରାସାଦ, ପୁରାତନ ସ୍ମୃତିସ୍ତମ୍ଭ ଓ ନୂତନ ଅଟ୍ଟାଳିକାମାନ ଅର୍ନ୍ତଭୁକ୍ତ । ଏଗୁଡ଼ିକ ସେମାନଙ୍କର ବାସ୍ତୁକଳା ଏବଂ ବର୍ତ୍ତମାନ ନଷ୍ଟ ହୋଇ ଯାଇଥିବା ନଗରୀ ଗୁଡ଼ିକର ସୁଚିନ୍ତିତ ଯୋଜନାମାନଙ୍କ ପାଇଁ ପ୍ରସିଦ୍ଧ । ବର୍ତ୍ତମାନ ଅଧିକାଂଶ ଅଞ୍ଚଳର ଦୃଶ୍ୟ ଆଉ ଆକର୍ଷଣୀୟ ହୋଇ ରହିନାହିଁ । କିନ୍ତୁ କୌଣସି ଐତିହାସିକ କିମ୍ବା ଧାର୍ମିକ ଘଟଣାବଳୀ କିମ୍ବା ମହାପୁରୁଷମାନଙ୍କର ଜୀବନ ସହି ଏଗୁଡ଼ିକ ଜଡ଼ିତ ଥିବାରୁ ବର୍ତ୍ତମାନ ମଧ୍ୟ ଏମାନଙ୍କର ଭୂମିକା ମହତ୍ତ୍ୱପୂର୍ଣ୍ଣ ଅଟେ । ଜନବସତି ଗୁଡ଼ିକ ପରିବର୍ତ୍ତନ ହେବାର ବହୁତ ଉଦାହରଣ ରହିଛି ଯେପରିକି ଦ୍ୱାଦଶ ଶତାବ୍ଦୀ ଠାରୁ ସପ୍ତଦଶ ଶତାବ୍ଦୀ ମଧ୍ୟରେ ଦୀର୍ଘ ୪୫୫ବର୍ଷ ଭିରେ ଦିଲ୍ଲୀ ସହର ସାତଥର ନଷ୍ଟ ହୋଇ ସେହି ଅଞ୍ଚଳରେ ପୁନଃ ନିର୍ମାଣ କରାଯାଇଛି । ଶେଷ ଦୁଇଟି ନଗରୀ ପୁରୁଣା ଦିଲ୍ଲୀ ଓ ନୂଆ ଦିଲ୍ଲୀ ବର୍ତ୍ତମାନ ମଧ୍ୟ ସୁରକ୍ଷିତ ଅଛି । ପର୍ଯ୍ୟଟନ ଦ୍ୱାରା କେତେକ ପୁରୁଣା ନଗରରୁ ରାଜସ୍ୱ ଆଦାୟ ହେଉଥିବାରୁ ଅର୍ଥନୈତିକ ଦୃଷ୍ଟିରୁ ସେଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଅଟେ ।

ଆହୁରି ମଧ୍ୟ କଳା ପ୍ରଦର୍ଶନ (ସଙ୍ଗୀତ, ନାଟକ ଓ ନୃତ୍ୟ), ପରମ୍ପରା ଓ ରୀତିନୀତି ଖାଦ୍ୟ ପ୍ରସ୍ତୁତିର ପ୍ରଣାଳୀ, ଭାଷା, ସାମାଜିକ ଅଭ୍ୟାସ, ଧାର୍ମିକ ନୀତି ନିୟମ ଏବଂ ପର୍ବପର୍ବାଣୀ ଗୁଡ଼ିକ ସଂସ୍କୃତିର ପରିପ୍ରକାଶ ଅଟେ । ଔଦ୍ୟୋଗିକ ଓ ପରିକଳ୍ପିତ ସହର, ବୈଜ୍ଞାନିକ ପ୍ରତିଷ୍ଠାନ, ନଦୀବନ୍ଧ ଏବଂ ସ୍ୱାଧୀନତୋର ଭାରତରେ ନିର୍ମାଣ କରାଯାଇଥିବା ଆଧୁନିକ ଭବନ ଗୁଡ଼ିକ ଭାରତୀୟ ଐତିହ୍ୟର ଏକ ବିଶେଷ ଆକର୍ଷଣ ଅଟେ । ସୁସଂଯୁକ୍ତ ପରିବହନ ବ୍ୟବସ୍ଥା ଦ୍ୱାରା ପର୍ଯ୍ୟଟକ ସମ୍ବଳ ଯେତେ ଅଧିକ ବ୍ୟାପକ ଏବଂ ବିସ୍ତୃତ ହେବ, ପର୍ଯ୍ୟଟନ ସମ୍ବଳର ବିକାଶ ସେତେ ଅଧିକ ଫଳପ୍ରଦ ହେବାର ସୁଯୋଗ ସୃଷ୍ଟିହେବ ।

ପର୍ଯ୍ୟଟନରୁ ମିଳୁଥିବା ଆୟ ଏବଂ ଲୋକମାନଙ୍କ ପାଇଁ ସୃଷ୍ଟି କରାଯାଇଥିବା ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୋଜନ ଆମର ପର୍ଯ୍ୟଟକ ସମ୍ବଳକୁ ଅଧିକ ଉପାଦେୟ କରିବାରେ ସାହାଯ୍ୟ କରେ ।

- ଭାରତର ପ୍ରତ୍ୟେକ ଅଞ୍ଚଳରେ ବିଭିନ୍ନ ବାସ୍ତୁକଳାରେ ନିର୍ମିତ ଆଧୁନିକ ପ୍ରାସାଦ ଓ ପୁରାତନ ସ୍ମାରକୀ ଦେଖିବାକୁ ମିଳେ । ଏଗୁଡ଼ିକ ବିଭିନ୍ନ ପ୍ରକାର କଳା ପରିବେଶ ଓ ଲୋକମାନଙ୍କର ଜୀବନ ଶୈଳୀ ପାଇଁ ପ୍ରସିଦ୍ଧ । ଆମର ସାଂସ୍କୃତିକ ପର୍ଯ୍ୟଟନ ସମ୍ବଳ ଏହି ଐତିହ୍ୟର ଅର୍ନ୍ତଭୁକ୍ତ ।
- ବିଦେଶୀ ଏବଂ ବ୍ୟବସାୟିକ ପର୍ଯ୍ୟଟକମାନଙ୍କର ଆଗମନର ବୃଦ୍ଧି ହେତୁ ଉପାର୍ଜି ଆୟ ଏବଂ ସ୍ଥାନୀୟ ଲୋକମାନଙ୍କର କର୍ମ ନିଯୁକ୍ତି ଦ୍ୱାରା ସ୍ଥାନୀୟ ଓ ଜାତୀୟ ସ୍ତରରେ ପର୍ଯ୍ୟଟନର ଉପାଦେୟତା ବୃଦ୍ଧି ପାଏ ।

ଟିପ୍ପଣୀ

## ପାଠଗତ ପ୍ରଶ୍ନ ୩୦.୨

୧. ଭାରତକୁ କାହିଁକି ଅମୂଲ୍ୟ ପର୍ଯ୍ୟଟକ ଗନ୍ତବ୍ୟ ସ୍ଥଳ କୁହାଯାଏ ?

____________________

୨. ଏସିଆ ମହାଦେଶର ଦୀର୍ଘତମ ମଧୁର ଜଳପୂର୍ଣ୍ଣ ହ୍ରଦର ନାମ କ'ଣ ଓ ଏହା କେଉଁଠାରେ ଅବସ୍ଥିତ ?

____________________

୩. କେଉଁ ସମୟରେ ସାତ ଥର ଦିଲ୍ଲୀ ସହର ଗଠନ କରାଯାଇଥିଲା ?

____________________

## ୩୦.୮ ପର୍ଯ୍ୟଟନର ବିକାଶ

ଶିଳ୍ପ ବିପ୍ଳବ ଦ୍ୱାରା ପର୍ଯ୍ୟଟନ କ୍ଷେତ୍ରକୁ ହଠାତ୍ ଅଧିକ ପ୍ରୋତ୍ସାହନ ମିଳିଲା ଯାହାକି ଲୋକମାନଙ୍କର ସାମାଜିକ ଓ ଆର୍ଥୀକ କ୍ଷେତ୍ରରେ ବହୁତ ପରିବର୍ତ୍ତନ ଆଣିଲା । ସାମାଜିକ ଜୀବନ କ୍ରମେ ଧର୍ମ ନିରପେକ୍ଷ ହୋଇଗଲା ଯାହାକି ଏହା ସାଧାରଣ ଧାର୍ମିକ ଉତ୍ସବ ଠାରୁ ବହୁତ କ୍ଷେତ୍ରରେ ଦୂରେଇଗଲା । ଧୀରେ ଧୀରେ ଏହା ଶ୍ରମିକମାନଙ୍କୁ ସେମାନଙ୍କର ଅଧିକାର ସ୍ୱରୂପ ସବୈତନିକ ଛୁଟି ମଞ୍ଜୁର କଲା । ବର୍ତ୍ତମାନ ଶ୍ରମିକମାନେ ସ୍ୱାଧୀନ ଭାବରେ ଏହି ଛୁଟିଗୁଡ଼ିକୁ ନିଜ ଇଚ୍ଛା ଅନୁସାରେ ଉପଯୋଗ କଲେ । ଏପରିକି ଭାରତରେ ଜଣେ କର୍ମଚାରୀ ବର୍ଷକ ମଧ୍ୟରେ ହାରାହାରି ୩୦ଦିନ ସବୈତନିକ ଛୁଟି ଉପଭୋଗ କରିପାରେ । ଏହି ଛୁଟି ବ୍ୟବସ୍ଥା ଓ ରିହାତି ଆମୋଦଦାୟକ ପର୍ଯ୍ୟଟନ ପାଇଁ ମୁକ୍ତ ସମୟ ଉପଲବ୍ଧ କରିବାରେ ସାହାଯ୍ୟ କରେ । ପର୍ଯ୍ୟଟକମାନେ ନିଜ ଇଚ୍ଛାରେ ଭ୍ରମଣ କରିବା ପାଇଁ ଯେତେ ଅଧିକ ସ୍ୱାଧିନତା ପାଇବେ, ସେତେ ଅଧିକ ସମୟ ସେମାନେ ଅବସର ବିନୋଦନ କରିବାରେ ଉପଯୋଗ କରିପାରିବେ । ଏଗୁଡ଼ିକ ନିର୍ଦ୍ଦିଷ୍ଟ ପ୍ରାଥମିକ କାରଣ ଅଟେ । ଏହା ପର୍ଯ୍ୟଟନର ବିକାଶ ପାଇଁ ସକରାତ୍ମକ ଭୂମିକା ଗ୍ରହଣ କରନ୍ତି ।

ଅଧିକ ଆୟ ବିନା ଅବସର ବିନୋଦନ ପର୍ଯ୍ୟଟନର ବିକାଶ ଦିଗରେ କମ୍ ମୂଲ୍ୟବାନ୍ ହୋଇପଡ଼େ । ସବୁ ପ୍ରକାର ପର୍ଯ୍ୟଟକମାନଙ୍କର ଅଧିକ ଆୟ ବିନିଯୋଗ କରିବାର କ୍ଷମତା ଥିବା ସଂଗେ ସଂଗେ ପରିବାର ପ୍ରତି ଆର୍ଥୀକ ଦାୟିତ୍ୱବୋଧ କମ୍ ଥିବା ଆବଶ୍ୟକ । ଏହା ସେମାନଙ୍କୁ ନିଜ ଇଚ୍ଛା ମୁତାବକ ଅଧିକ ଅର୍ଥ ଓ ସମୟ ଖର୍ଚ୍ଚ କରିବାରେ ସାହାଯ୍ୟ କରେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ଅଳ୍ପ କେତେକ ଅବସର ପ୍ରେମୀ ଧନିକ ଶ୍ରେଣୀର ବ୍ୟକ୍ତି ପରିଭ୍ରମଣରେ ଅଧିକ ଖର୍ଚ୍ଚ କରୁଥିଲେ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସାଂସ୍କୃତିକ ଆକର୍ଷଣ ଥିବା ସ୍ଥାନମାନଙ୍କରେ ରହିପାରୁଥିଲେ । ୧୯୪୫ ମସିହାରେ ପରିସ୍ଥିତି ବଦଳିଗଲା । ସବୁ ବର୍ଗର ବହୁ ସଂଖ୍ୟକ ପର୍ଯ୍ୟଟକମାନେ ନିଜ ନିଜର ଆୟ ଓ ରୁଚି ଅନୁସାରେ ପରିଭ୍ରମଣରେ ବାହାରିଲେ । ସେମାନେ ଅଳ୍ପ ସମୟ ମଧ୍ୟରେ କମ୍ ଅର୍ଥ ଖର୍ଚ୍ଚକରି ଅଧିକରୁ ଅଧିକ ସ୍ଥାନ ଶିଘ୍ର ଦେଖିବା ପାଇଁ ପସନ୍ଦ କରନ୍ତି । ଏହା ସ୍ୱାଭାବିକ, କାରଣ ବର୍ତ୍ତମାନ ସମୟରେ ଅବସର ବିନୋଦନ ନିମନ୍ତେ ଦୀର୍ଘ ଋତୁକାଳୀନ ଛୁଟିଗୁଡ଼ିକୁ ଉପଭୋଗ କରିବା ବିରଳ ଅଟେ । ସେମାନେ ମଧ୍ୟ ବିଶ୍ରାମ ସହିତ, ସାହସିକ ଯାତ୍ରା, ମନୋରଂଜନ ଓ ଖେଳ ପାଇଁ ଛୁଟିଗୁଡ଼ିକୁ ଏକାଠି କରି ନେବାକୁ ଚାହାଁନ୍ତି । ଏକା କିମ୍ବା ଦଳବଦ୍ଧ ଭାବରେ ଯାତ୍ରା କରିବାକୁ ସେମାନେ ପସନ୍ଦ କରି ପାରନ୍ତି ।



ଟିପ୍ପଣୀ

ବିମାନ ସେବା କ୍ଷେତ୍ରରେ ଯାତ୍ରୀମାନଙ୍କ ପାଇଁ ରିହାତି ବ୍ୟବସ୍ଥା, ଅବକାଶ ଯାତ୍ରା ରିହାତି ଏବଂ ନିମ୍ନ ବଜେଟ୍‌ରେ ହୋଟେଲ କିମ୍ବା ତମ୍ବୁରେ ରହିବା ବ୍ୟବସ୍ଥା ପର୍ଯ୍ୟଟନ ପାଇଁ ଆବଶ୍ୟକ ପ୍ରୋତ୍ସାହନ ଅଟେ । ଗତ ଶେଷ ଦଶନ୍ଧିରେ ଭାରତ ପର୍ଯ୍ୟଟନ ବିକାଶର ଆବଶ୍ୟକତା ପାଇଁ ଅଧିକ ଯତ୍ନବାନ୍ ହୋଇପଡ଼ିଛି । ଏହା ପର୍ଯ୍ୟଟନର ବ୍ୟାପକ ବିସ୍ତାରରେ ସାହାଯ୍ୟ କରୁଛି, ଯଦିଓ ଏହାର ଗତି ଧିର ଓ ମନ୍ଥର ଅଟେ । ବିଶ୍ୱ ସମୃଦ୍ଧି ଓ ବିଶ୍ୱ ପର୍ଯ୍ୟଟନ ଏକା ସାଙ୍ଗରେ ତାଳଦେଇ ଗତି କରୁଛି । ଏହି କାରଣରୁ ପାଶ୍ଚାତ୍ ଜଗତର ବିକଶିତ ଓ ସମୃଦ୍ଧିଶାଳୀ ଦେଶରୁ ବହୁ ସଂଖ୍ୟକ ବିଦେଶୀ ପର୍ଯ୍ୟଟକ ଭାରତ ପରିଦର୍ଶନରେ ଆସୁଛନ୍ତି । ସେମାନଙ୍କର ପ୍ରଚଳିତ ପ୍ରାମାଣିକ ମୁଦ୍ରାର ମୂଲ୍ୟ ଅଧିକ ହୋଇଥିବାରୁ ଭାରତରେ ସେମାନଙ୍କର ଯାତ୍ରା ଖୁବ୍ ଶସ୍ତା ହୋଇଯାଉଛି । ଅନ୍ୟ ପକ୍ଷରେ ଯଦି ବିକାଶନ୍ମୁଖୀ ଦେଶମାନେ ଖୁବ୍ ଗରିବ ହୋଇଥାନ୍ତି, ତେବେ ସେମାନେ ବିଦେଶୀ ପର୍ଯ୍ୟଟକ ମାନଙ୍କ ପାଇଁ ସୁବିଧା ସୁଯୋଗ ଓ ଯାତାୟତ କ୍ଷେତ୍ରରେ କମ୍ ସମ୍ବଳ ବିନିଯୋଗ କରିପାରିବେ ।

ଯଦିଓ ଆର୍ଥୀକ ବିକାଶ ଦୃଷ୍ଟିରୁ ଭାରତ ଏକ ବିକାଶଶୀଳ ଦେଶ ଅଟେ, ତଥାପି ତୃତୀୟ ପୃଥିବୀ ବିଶେଷ କରି ଆଫ୍ରିକାର ଦେଶମାନଙ୍କ ତୁଳନାରେ ପର୍ଯ୍ୟଟନ କ୍ଷେତ୍ରରେ ଅଧିକ ବିକାଶ କରିପାରିଛି । ଅନ୍ୟ ପକ୍ଷରେ ଦକ୍ଷିଣ ପୂର୍ବ ଏସିଆର ଦେଶଗୁଡ଼ିକ ଯଥା ଥାଇଲ୍ୟାଣ୍ଡ, ମାଳୟେସିଆ, ସିଙ୍ଗାପୁର, ଇଣ୍ଡୋନେସିଆ ଏବଂ ଫିଲିଫାଇନ୍‌ସ ପର୍ଯ୍ୟଟନ ବିକାଶ କ୍ଷେତ୍ରରେ ଭାରତ ଠାରୁ ବହୁତ ଆଗରେ ଅଛନ୍ତି । କାରଣ ବର୍ତ୍ତମାନ ସମୟରେ ସେମାନଙ୍କର ଆର୍ଥୀକ ବିକାଶ ବହୁ ଗୁଣରେ ବୃଦ୍ଧିପାଇଛି । ଏହି କାରଣରୁ ବ୍ୟକ୍ତିର ସ୍ତର, ଉଦ୍ଦେଶ୍ୟ, ଅବସରର ଉପଲବ୍‌ଧତା, ଛୁଟି କଟାଇବା ପାଇଁ ଶାରିରୀକ ଯୋଗ୍ୟତା, ଆୟ, ଶିକ୍ଷା ଓ ନିଜର ଅର୍ଥ ଖର୍ଚ୍ଚ କରିବାର ସ୍ୱାଧିନତା ଇତ୍ୟାଦି ଏକତ୍ରୀତ ଭାବରେ ପର୍ଯ୍ୟଟନର ବୃଦ୍ଧି କ୍ଷେତ୍ରରେ ସାହାଯ୍ୟ କରନ୍ତି । ଏଗୁଡ଼ିକ ପ୍ରେରଣା ଦାୟକ ଶକ୍ତି ସଂଗେ ସଂଗେ ଆକର୍ଷଣୀୟ ଶକ୍ତି ମଧ ଅଟନ୍ତି । ଆକର୍ଷଣୀୟ ଶକ୍ତିଗୁଡ଼ିକ ମଧ୍ୟରେ ପ୍ରାକୃତିକ ଭୂଦୃଶ୍ୟ ଗୁଡ଼ିକର ସୌନ୍ଦର୍ଯ୍ୟ, ସାଂସ୍କୃତିକ ସ୍ଥଳ ଓ ପର୍ଯ୍ୟଟକମାନଙ୍କର ଗନ୍ତବ୍ୟ ସ୍ଥଳରେ ଥିବା ଅନୁକୂଳ ଜଳବାୟୁ ଅନ୍ତର୍ଭୁକ୍ତ ଅଟେ । ଯେଉଁ ପ୍ରଦେଶ କିମ୍ବା ଅଞ୍ଚଳରେ ବିବିଧ ପର୍ଯ୍ୟଟକ ସମ୍ବଳ ଉପଲବ୍ଧ ହୁଏ, ତାହା ପର୍ଯ୍ୟଟନ ପାଇଁ ଅଧିକ ଆକର୍ଷଣୀୟ ହୋଇପଡ଼େ । ଯେଉଁ ସ୍ଥାନମାନଙ୍କରେ ପର୍ଯ୍ୟଟନ ସମ୍ବଳର ଆକର୍ଷଣ ଯେତେ ଅଧିକ, ସେ ସ୍ଥାନମାନଙ୍କୁ ପର୍ଯ୍ୟଟକମାନଙ୍କର ଆଗମନ ସେତେ ଅଧିକ । ପର୍ଯ୍ୟଟନର ବିକାଶ ଏହି ଦୁଇ ଶକ୍ତିର ଅନ୍ତଃକ୍ରିୟାର ଫଳସ୍ୱରୂପ ଅଟେ ।

ଦୁଇଟି ଦେଶ ମଧ୍ୟରେ ଯଦି ଭୌଗୋଳିକ, ଐତିହାସିକ, ସାଂସ୍କୃତିକ ଓ ବ୍ୟବସାୟିକ ସମ୍ପର୍କ ବୃଦ୍ଧି ଘଟେ, ତେବେ ସେମାନଙ୍କ ମଧ୍ୟରେ ପର୍ଯ୍ୟଟକ ମାନଙ୍କର ଯିବା ଆସିବା ମଧ ଅଧିକ ହେବ । ଭାରତର ଅନ୍ୟଦେଶମାନଙ୍କ ସହ ବ୍ୟବସାୟିକ ସମ୍ପର୍କର ବୃଦ୍ଧି, ବୈଷୟିକ ଜ୍ଞାନ କୌଶଳର ଆଦାନ ପ୍ରଦାନ ଏବଂ ସାଂସ୍କୃତିକ ବନ୍ଧନର ବୃଦ୍ଧି ଦିଗରେ ସହଯୋଗ ପର୍ଯ୍ୟଟନ ଶିଳ୍ପର ଦୃଢ଼ ବିକାଶରେ ସହାୟକ ହେଉଛି ।

ଯଦିଓ ଭାରତ ପ୍ରାଚ୍ୟ ଓ ପାଶ୍ଚାତ୍ ଜଗତ ମଧ୍ୟରେ ଯାତାୟତର ଦୋଛକି (ମଧ୍ୟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ତଥାପି ଏହା ଅଧିକ ପର୍ଯ୍ୟଟକ ଆସୁଥିବା ବିକଶିତ ଦେଶ ୟୁରୋପ ଓ ଉତ୍ତର ଆମେରିକା ଠାରୁ ବହୁ ଦୂରରେ ଅବସ୍ଥିତ । ପୃଥିବୀର କେବଳ ଶତକଡ଼ା ୧୦ଭାଗ ପର୍ଯ୍ୟଟକ ବହୁତ ଦୂର ସ୍ଥାନ ବୁଲିବାକୁ ଯିବାକୁ ପସନ୍ଦ କରନ୍ତି କିନ୍ତୁ ପୂର୍ବ ଅପେକ୍ଷା ବର୍ତ୍ତମାନ ଏହା କମ୍ ଖର୍ଚ୍ଚରେ ଓ କମ୍ ସମୟ ମଧ୍ୟରେ ହୋଇପାରୁଛି । ଭାରତ ଯଦିଓ ପର୍ଯ୍ୟଟନ ସ୍ରୋତରେ ଦୂର ବିକାଶଶୀଳ ଦେଶମାନଙ୍କ ମଧ୍ୟରେ ନିଜର ସ୍ଥିତି ମଜଭୂତ କରିପାରିଛି, ତଥାପି ଏହା ସନ୍ତୋଷଜନକ ନୁହେଁ ।



ଟିପ୍ପଣୀ

ଜଣେ ଆଧୁନିକ ପର୍ଯ୍ୟଟକ ଯାହାର ଜୀବନ ଧାରଣର ମାନ ଉନ୍ନତ ଧରଣର । ସେ ଶିଘ୍ର ଯାତ୍ରା କରିବା ପାଇଁ ଦୃତଗାମୀ ଓ ଆରାମଦାୟକ ଆକାଶ ପଥ, ରେଳପଥ ଓ ସଡ଼କପଥକୁ ପସନ୍ଦ କରୁଛି । ଭାରତ ଯେତେବେଳେ ପର୍ଯ୍ୟଟକ ମାନଙ୍କ ପାଇଁ ଅଧିକ ପ୍ରାଥମିକ ସୁବିଧା ଯୋଗାଇବାକୁ ସକ୍ଷମ ହେବ, ତେବେ ସେ ଅଧିକ ମାତ୍ରାରେ ଅନ୍ତଃରାଷ୍ଟ୍ରୀୟ ପର୍ଯ୍ୟଟକମାନଙ୍କୁ ଆକର୍ଷଣ କରିପାରିବ । ଏହା ସତ୍ତ୍ୱେ ପର୍ଯ୍ୟଟନ ବିକାଶର ଶୃଙ୍ଖଳରେ ଭାରତର ସ୍ଥାନ ଦୁର୍ବଳ ଅଟେ ।

ପର୍ଯ୍ୟଟନକୁ ଉତ୍ସାହିତ କରିବା ପାଇଁ କେତେକ ସକରାତ୍ମକ କାରଣ ବ୍ୟତୀତ କେତେକ ନକରାତ୍ମକ କାରଣ ଅଛି ଯାହାକି ଏହାର ବିକାଶ ପଥରେ ପ୍ରତିବନ୍ଧକ ସୃଷ୍ଟିକରୁଛି । ଦେଶର କେତେକ ଅଞ୍ଚଳର ରାଜନୈତିକ ଅସ୍ଥିରତା, ବିଦ୍ରୋହର ବାତାବରଣ ଏବଂ ଆତଙ୍କବାଦୀମାନଙ୍କ ଦ୍ୱାରା ପର୍ଯ୍ୟଟକ ମାନଙ୍କୁ ଅପହରଣ ଓ ପଣବନ୍ଦୀ କରି ରଖିବା ଦ୍ୱାରା, ସେହି ସବୁ ସ୍ଥାନମାନଙ୍କୁ ବିଶେଷ କରି ଜାମ୍ମୁ କାଶ୍ମୀର ଓ ଉତ୍ତରପୂର୍ବ ରାଜ୍ୟମାନଙ୍କୁ ପର୍ଯ୍ୟଟକ ମାନଙ୍କର ଆଗମନ ହ୍ରାସ ପାଉଛି । ଏପରିକି ଦୃତ ମୂଲ୍ୟ ବୃଦ୍ଧି, ପରିବହନରେ ଅଧିକ ଖର୍ଚ୍ଚ ଓ ସମୟେ ସମୟେ ପେଟ୍ରୋଲିୟମ୍ ଜାତ ପଦାର୍ଥଗୁଡ଼ିକର ଅଭାବ, ପର୍ଯ୍ୟଟନର ବିକାଶକୁ ହତୋତ୍ସାହିତ କରୁଛି ।

ଏକ ଅର୍ଥନୈତିକ ଦୃଷ୍ଟିକୋଣରୁ ବର୍ତ୍ତମାନ ଭାରତୀୟ ପର୍ଯ୍ୟଟନର, ସମୁଦାୟ ଜାତୀୟ ଘରୋଇ ଉତ୍ପାଦରେ ୫.୩ % ଯୋଗଦାନ ରହିଛି । ଜାତୀୟ ସମୃଦ୍ଧି (ମୁଣ୍ଡପିଛା ଜନସଂଖ୍ୟା ହିସାବରେ ଜାତୀୟ ଆୟର ବୃଦ୍ଧି) ଏବଂ ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ଅବସ୍ଥା, ପର୍ଯ୍ୟଟନ ବିକାଶର ଦୁଇ ପାର୍ଶ୍ୱକୁ ନିର୍ଦ୍ଧାରଣ କରୁଛି ।

- ଶିଳ୍ପ ବିପ୍ଳବ ଦ୍ୱାରା ଅର୍ଥନୈତିକ, ସାମାଜିକ ଓ ରାଜନୈତି କ୍ଷେତ୍ରରେ ହୋଇଥିବା ପରିବର୍ତ୍ତନ ପୃଥିବୀ ତଥା ଭାରତର ପର୍ଯ୍ୟଟକମାନଙ୍କ ସଂଖ୍ୟା ବୃଦ୍ଧି କରିବାରେ ସହାୟକ ହେଉଛି ।
- ଛୁଟି ଦିନଗୁଡ଼ିକର ସଂଖ୍ୟା ବୃଦ୍ଧି, ଅଧିକ ଆୟ, ପର୍ଯ୍ୟଟକ ସମ୍ୱଳର ବିକାଶ ପ୍ରତିଧାନ, ଦୃତଗାମୀ ପରିବହନ ବ୍ୟବସ୍ଥା ଏବଂ ଅନ୍ୟ ସୁବିଧା ସୁଯୋଗ ଗୁଡ଼ିକ ଆଧୁନିକ ପର୍ଯ୍ୟଟନ ସମ୍ୱଳର ବିକାଶ ପାଇଁ ସକରାତ୍ମକ କାରଣ ଓ ପ୍ରୋତ୍ସାହନ ଅଟେ ।
- ନକରାତ୍ମକ କାରଣ ଗୁଡ଼ିକ ମଧ୍ୟ ସମୟେ ସମୟେ ଦେଶ ଭିତରେ ପର୍ଯ୍ୟଟନ କ୍ଷେତ୍ରରେ ବାଧା ସୃଷ୍ଟି କରେ ।

## ପାଠଗତ ପ୍ରଶ୍ନ ୩୦.୩

୧. କେଉଁ ତିନୋଟି ମୁଖ୍ୟ କାରଣ ସ୍ୱଦେଶୀ ପର୍ଯ୍ୟଟନର ବିକାଶରେ ସାହାଯ୍ୟ କରେ ?

(କ) ____________________

(ଖ) ____________________

(ଗ) ____________________

୨. ନିମ୍ନ ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦବାଛି ଶୂନ୍ୟସ୍ଥାନ ପୂରଣ କର ।


(ପ୍ରାଥମିକ ସୁବିଧା, ଆକର୍ଷଣ କରିବା, ଉତ୍ସାହିତ କରିବା )

(କ) ଭାରତରେ _____ ର ସ୍ୱଳ୍ପ ବିକାଶ ପର୍ଯ୍ୟଟକ ବିକାଶର ଗତିକୁ ଧୀର କରିଦେଇଛି ।

(ଖ) ଯାତ୍ରା ପର୍ଯ୍ୟଟନ _____ ଓ _____ ଶକ୍ତିର ଅନ୍ତଃକ୍ରିୟାର ପରିଣାମ ଅଟେ ।

## ୩୦.୯ ପର୍ଯ୍ୟଟନ ସ୍ଥଳଗୁଡ଼ିକର ବିଭକ୍ତିକରଣ

ପର୍ଯ୍ୟଟକ ସ୍ଥଳଗୁଡ଼ିକୁ ବିଭିନ୍ନ ପ୍ରକାରର ଅଟେ କାରଣ ସେମାନେ ଭିନ୍ନ ଭିନ୍ନ ଭୌଗୋଳିକ ଅଞ୍ଚଳ ମଧ୍ୟରେ ଅବସ୍ଥିତ, ସେହି ଅଞ୍ଚଳ ଗୁଡ଼ିକର ବିଶେଷତ୍ୱରେ ବିଭିନ୍ନତା ଥାଏ ଏବଂ ପର୍ଯ୍ୟଟକ ମାନଙ୍କର ବିଭିନ୍ନ କାର୍ଯ୍ୟକଳାପ ପାଇଁ ସୁବିଧା ମଧ୍ୟ ଭିନ୍ନ ଭିନ୍ନ ଥାଏ । ପର୍ଯ୍ୟଟନକୁ ଦୃଷ୍ଟିରେ ରଖି, ଏହି ସ୍ଥାନଗୁଡ଼ିକର ଆକର୍ଷଣ ଓ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଭିତ୍ତି କରି ଏଗୁଡ଼ିକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇଛି । ଆହୁରି ମଧ୍ୟ କେତେକ ପର୍ଯ୍ୟଟନ କେନ୍ଦ୍ର ଅଛି, ଯେଉଁଗୁଡ଼ିକ ବହୁମୁଖୀ କାର୍ଯ୍ୟକରିବା ସଂଗେ  ସଂଗେ, ତାହାର ପରିବେଶ ପ୍ରତି ମଧ୍ୟ ଆକର୍ଷଣ କରେ । ଏହି ସ୍ଥାନଗୁଡ଼ିକ ପର୍ଯ୍ୟଟକମାନଙ୍କର ଦୀର୍ଘକାଳ ରହଣିର ଲାଭ ଉଠାଇଥାଏ ।





*ଚିତ୍ର ୩୦.୪ ପର୍ଯ୍ୟଟକ କ୍ଷେତ୍ର ତଥା ପର୍ଯ୍ୟଟକ ସ୍ଥଳ*

### (କ) ପର୍ବତ ଓ ପାହାଡ଼ିଆ ପର୍ଯ୍ୟଟନ ସ୍ଥଳ

ଭାରତର ସବୁ ସ୍ଥାନରେ ଏହି ପର୍ଯ୍ୟଟନ ସ୍ଥଳଗୁଡ଼ିକ ଉପଲବ୍ଧ ହୁଏ । ଉତ୍ତରରେ ଉଚ୍ଚ ହିମାଳୟ ବ୍ୟତୀତ ଭାରତର ଉତ୍ତର ପୂର୍ବ ଅଞ୍ଚଳରେ ଏବଂ ଦକ୍ଷିଣରେ ନିଳଗିରି ପର୍ବତମାଳା ନିକଟବର୍ତ୍ତୀ ଅଞ୍ଚଳରେ କେତେକ ଉଚ୍ଚ ପର୍ବତ ଦେଖିବାକୁ ମିଳେ । ବିନ୍ଧ୍ୟ, ସାତପୁରା, ଆରାବଳୀ ଓ ପଶ୍ଚିମଘାଟ ପର୍ବତ ନିକଟରେ, ମଧ୍ୟମ ଏବଂ ଅଳ୍ପ ଉଚ୍ଚତା ବିଶିଷ୍ଟ କେତେକ ପର୍ବତ ଶ୍ରେଣୀ ମଧ୍ୟ ଅବସ୍ଥିତ । ଏହି କାରଣରୁ ଓଡ଼ିଶା ଓ ବିହାରକୁ ବାଦ୍ ଦେଇ ସବୁ ସମତଳ ରାଜ୍ୟମାନଙ୍କରେ ଗୋଟିଏ କିମ୍ବା ଦୁଇଟି ପାହାଡ଼ି ଆଶ୍ରୟ ସ୍ଥଳ ଦେଖିବାକୁ ମିଳେ । ଅବସ୍ଥିତି ଅନୁସାରେ ୧୦୦ଟି ଶୈଳନିବାସ ମଧ୍ୟରୁ ୪୨ଟି ଶୈଳ ନିବାସ ପଶ୍ଚିମ ହିମାଳୟର କୁମାୟନ

ଟିପ୍ପଣୀ

(ଉତ୍ତରାଞ୍ଚଳ) ଠାରୁ କାଶ୍ମିର ମଧ୍ୟରେ ବିସ୍ତୃତ ଅଞ୍ଚଳରେ ଅବସ୍ଥିତ ଅଟେ । ଅନ୍ୟ ୨୫ଗୋଟି ନିଳଗିରି ଓ ପଶ୍ଚିମ ଘାଟ ପର୍ବତମାଳାର ମଧ୍ୟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ହୋଇ ଆମର ଦକ୍ଷିଣତମ ତିନିଗୋଟି ଗୋଟି ରାଜ୍ୟର ସୀମା ନିର୍ଣ୍ଣୟ କରୁଛି । ମୁଖ୍ୟତଃ ଭାବରେ ମହାରାଷ୍ଟ୍ରର ସହ୍ୟାଦ୍ରି ପର୍ବତ ଶ୍ରେଣୀରେ ୧୫ଗୋଟି ଓ ଉତ୍ତର ପୂର୍ବ ଭାରତର ପାର୍ବତ୍ୟ ଅଞ୍ଚଳରେ ୧୨ଗୋଟି ଶୈଳ ନିବାସ ବିକ୍ଷିପ୍ତ ଭାବରେ ରହିଅଛି । ଶେଷ ୬ଗୋଟି ମଧ୍ୟ ପାର୍ବତ୍ୟାଞ୍ଚଳ ଓ ପୂର୍ବଘାଟ ପର୍ବତମାଳା ତଥା ଆରାବଳୀ ପର୍ବତ ନିକଟରେ ଦେଖିବାକୁ ମିଳେ ।





*ଚିତ୍ର : ୩୦.୫ ଭାରତରେ ଲୋକପ୍ରିୟ ପର୍ବତ ଶୃଙ୍ଗ, ଶୈଳ ନିବାସ (ପାହାଡ଼ୀ ପର୍ଯ୍ୟଟକ ସ୍ଥଳ) ଓ ବେଳାଭୂମିର ମାନଚିତ୍ର ।*

ଏହି ପର୍ଯ୍ୟଟକ ସ୍ଥଳମାନଙ୍କ ମଧ୍ୟରୁ କେତେକ ଅଧିକ ଉନ୍ନତ ଓ ଲୋକପ୍ରିୟ ଅଟେ । ଏମାନଙ୍କ ମଧ୍ୟରୁ କେତେକଙ୍କର ଆଗାମୀ ବର୍ଷରେ ସୁନାମ ଅର୍ଜନ କରିବାର ଦକ୍ଷତା ରହିଥିବାବେଳେ ଅନ୍ୟ କେତେ ଗୁଡ଼ିଏ ଏପର୍ଯ୍ୟନ୍ତ ସୁଦ୍ଧା ଉନ୍ନତି କରି ପାରିନାହାଁନ୍ତି । ଆମେ ଏହି ପାହାଡ଼ୀ ପର୍ଯ୍ୟଟକ ସ୍ଥଳଗୁଡ଼ିକୁ ଉଚ୍ଚତା ଅନୁସାରେ ତିନି ଭାଗରେ ବିଭକ୍ତ କରିପାରିବା ।

(କ) କମ୍ ଉଚ୍ଚତା ବିଶିଷ୍ଟ ପାହାଡ଼ୀ ପର୍ଯ୍ୟଟନ ସ୍ଥଳ (ସମୁଦ୍ର ପତ୍ତନରୁ ୮୦୦ମି.ରୁ ୧୨୦୦ମି. ମଧ୍ୟରେ)

(ଖ) ମଧ୍ୟମ ଉଚ୍ଚତା ବିଶିଷ୍ଟ ପାହାଡ଼ୀ ପର୍ଯ୍ୟଟନ ସ୍ଥଳ (ସମୁଦ୍ର ପତ୍ତନରୁ ୧୨୦୦ମି.ରୁ ୨୧୦୦ମି. ମଧ୍ୟରେ)

(ଗ) ଅଧିକ ଉଚ୍ଚତା ବିଶିଷ୍ଟ ପାହାଡ଼ୀ ପର୍ଯ୍ୟଟନ ସ୍ଥଳ (ସମୁଦ୍ର ପତ୍ତନରୁ ୨୧୦୦ମି.ରୁ ୩୫୦୦ମି. ମଧ୍ୟରେ)




*ଚିତ୍ର ୩୦.୬ ଦାର୍ଜିଲିଙ୍ଗ୍ ମାନଚିତ୍ର*


ଉପରିସ୍ଥ ମାନଚିତ୍ରରୁ ହୃଦ୍‌ବୋଧ ହେଉଛି ଯେ ଅଧିକାଂଶ ପାହାଡ଼ୀ ପର୍ଯ୍ୟଟନ ସ୍ଥଳ ମଧ୍ୟମ ଉଚ୍ଚତାରେ, କେତେକ କମ୍ ଉଚ୍ଚତାରେ ଓ ବହୁତ କମ୍ ଉଚ୍ଚ ପାହାଡ଼ିଆ ଅଞ୍ଚଳରେ ଅବସ୍ଥିତ । ଏହି ସବୁ ସ୍ଥାନ ମାନଙ୍କରେ ଅଧିକାଂଶ ସ୍ୱାସ୍ଥ୍ୟପ୍ରଦ ଜଳବାୟୁ, ଆରାମଦାୟକ ଗ୍ରୀଷ୍ମଋତୁ, ବର୍ଷସାରା ସାମାନ୍ୟ ବର୍ଷପାଗ ଓ ମୃଦୁ ଶୀତର ପ୍ରଭାବ ଅନୁଭୂତ ହୁଏ । ପଶ୍ଚିମ ହିମାଳୟରେ ଅବସ୍ଥିତ କେତେକ ସ୍ଥାନରେ ଶୀତଋତୁରେ ବରଫପାତ ସହ ଅଧିକ ଥଣ୍ଡା ଅନୁଭୂତ ହୁଏ । ଏହି ଅଞ୍ଚଳ ଗୁଡ଼ିକ ଉତ୍ତପ୍ତ ସମତଳ ଅଞ୍ଚଳରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ପ୍ରଚଣ୍ଡ ତାପରୁ

ଟିପ୍ପଣୀ

ମୁକ୍ତି ଦେବା ସଂଗେ ସଂଗେ ଶୀତଋତୁକୁ ଉପଭୋଗ କରିବାର ସୁଯୋଗ ଦିଏ । ସାଧାରଣ ମାନଚିତ୍ରରେ ସ୍ଥାନ ପାଇନଥିବା ଏପରି କମ୍ ପର୍ଯ୍ୟଟନ ସ୍ଥଳର ଉଦାହରଣ ଅଛି, ଯାହାକି ଲୋକଲୋଚନକୁ ଆସିପାରି ନାହିଁ । ଏଗୁଡ଼ିକ ମଧ୍ୟରେ ହରିୟାନାର କାଲକା ନିକଟରେ ୧୦୦୦ମି. ଉଚ୍ଚତାରେ ଅବସ୍ଥିତ ମୋରନୀ, ଆସାମର ସିଲଚର ଜିଲ୍ଲାର ଉତ୍ତର କଚ୍ଛାର ପର୍ବତର ହାଫଲଙ୍ଗ୍ (୧୬୩୭ମି.), ଉତ୍ତର ତ୍ରିପୁରାର ଜାମ୍ପୁଇ (୧୩୯୦ମି.), ମଣିପୁରରେ ଇମ୍ଫାଲର ପୂର୍ବରେ ଉଖରୁଲ୍ (୧୯୦୦ମି.), ଇମ୍ଫାଲ୍ ରାସ୍ତାରେ ଦୀମାପୁର ରାସ୍ତାରେ ମାଅ (୧୭୮୮ମି.), ଆନ୍ଧ୍ରପ୍ରଦେଶର ତିରୁମାଲା ମନ୍ଦିର ରାସ୍ତାରେ ହର୍ଷେଲ ପର୍ବ (୧୨୬୫ମି.), କେରଳର ପଶ୍ଚିମ ଘାଟ ପର୍ବତମାଳାର ମାନାର୍ (୧୬୦୦ମି.), ମୁମ୍ବାଇ ନିକଟବର୍ତ୍ତୀ ଅନଶୋଷିତ ମାଥେରନ୍ (୮୩୦ମି.), ଗୁଜୁରାଟର ଦକ୍ଷିଣ ପୂର୍ବରେ ଥିବା ଶହ୍ୟାଦ୍ରି ପର୍ବତମାଳାର ଦ୍ୱିତୀୟ ଉଚ୍ଚତମ ମାଳଭୂମିର ସପୁତାରା (୮୭୩ମି.) ଏବଂ ମହାରାଷ୍ଟ୍ରର ଅମରାବତୀ ସହର ନିକଟସ୍ଥ ସାତପୁରା ପର୍ବତର ଚିକଲଡ଼ାରା (୧୦୦୦ମି.) ଅନ୍ତର୍ଭୁକ୍ତ ଅଟେ । ଏହିସ୍ଥାନ ଗୁଡ଼ିକର କମ୍ ଲୋକପ୍ରିୟତା ଓ ନିମ୍ନମାନର ବିକାଶ, ଏଗୁଡ଼ିକ ସାମୟିକ ଭାବେ ଅବହେଳିତ ହେବାର ସୁଯୋଗ ସୃଷ୍ଟିକରେ । ଏଥିରେ ସନ୍ଦେହ ନାହିଁଯେ ପ୍ରତ୍ୟେକ ବର୍ଷ ଗ୍ରୀଷ୍ମକାଳୀନ ବର୍ଷାଦ୍ୱାରା ଏଠାରେ ସରସ ସବୁଜିମା ଓ ଋତୁକାଳୀନ ଜଳପ୍ରପାତ ଗୁଡ଼ିକର ପୁନଃ ସୃଷ୍ଟିହୁଏ । ପଶ୍ଚିମଘାଟ ଓ ପୂର୍ବ ଘାଟ ପର୍ବତମାଳା ଏବଂ ସାତପୁରା ପର୍ବତ ଶ୍ରେଣୀ ଅଞ୍ଚଳରେ ଏହିପରି ଏକ ଡଜନ ପର୍ଯ୍ୟଟନ ସ୍ଥଳ ରହିଅଛି । ପ୍ରତ୍ୟେକଙ୍କର ନିଜ ନିଜର କିଛି ସ୍ୱତନ୍ତ୍ରତା ରହିଛି ।

ଶିମଳା, ଦାର୍ଜିଲିଙ୍ଗ, ଗ୍ୟାଙ୍ଗଟକ୍ ଏବଂ ମଶୋରୀ ଭଳି ଉଚ୍ଚ ପାହାଡ଼ିଆ ଅଞ୍ଚଳ ଗୁଡ଼ିକ ସେମାନଙ୍କର ଗଭୀର ଉପତ୍ୟକା ଏବଂ ବରଫାଚ୍ଛଦିତ ପାହାଡ଼ ଗୁଡ଼ିକ ଦ୍ୱାରା ପର୍ଯ୍ୟଟକ ମାନଙ୍କୁ ଏକ ମନୋରମ ଦୃଶ୍ୟ ପ୍ରଦାନ କରନ୍ତି । ପାହାଡ଼ିଆ ଢ଼ାଲୁ ଅଞ୍ଚଳରେ ଥିବା ସମାନ୍ତରାଳ ପୃଷ୍ଠଭୂମି ଉପରେ ଜଙ୍ଗଲ ସବୁଜିମା ଏକ ପ୍ରାଚୀର ସଦୃଶ୍ୟ ଦଣ୍ଡାୟମାନ ହୁଏ ଯାହାକି ପର୍ଯ୍ୟଟକ ପାଇଁ ଏକ ଆକର୍ଷଣର କେନ୍ଦ୍ର ବିନ୍ଦୁ ହୋଇପଡ଼େ । ଯଦି ଏହି ଅରଣ୍ୟାଞ୍ଚଳ ଗୁଡ଼ିକରୁ ସବୁ ଗଛଗୁଡ଼ିକୁ କାଟିଦେଇ ଛତୁପରି ଗଢ଼ି ଉଠୁଥିବା କଂକ୍ରିଟ ଅଟ୍ଟାଳିକା ଗୁଡ଼ିକ ଦ୍ୱାରା ପୂର୍ଣ୍ଣ କରାଯାଏ, ତେବେ ଏହି ସ୍ଥାନ ଗୁଡ଼ିକର ସୌନ୍ଦର୍ଯ୍ୟ ସବୁଦିନ ପାଇଁ ଲୋପ ପାଇଯିବ । ଖରାଦିନରେ ଏହାର ସୁଦୁର ବ୍ୟାପି ଭୂଦୃଶ୍ୟ ପର୍ଯ୍ୟଟକକୁ ଯେତିକି ଆକର୍ଷିତ କରେ, ଅନ୍ୟ ଦିନମାନଙ୍କରେ ମଧ୍ୟ ମେଘ ଦ୍ୱାରା ଆଚ୍ଛାଦିତ ହୋଇ ରହସ୍ୟମୟ ଶୋଭା ପ୍ରଦାନ କରେ । ନୈନିତାଲ, ଉଦଗମଣ୍ଡଲମ୍ (ଉଟି) ଏବଂ କୋଡ଼ାଇକେନାଲ ପରି କେତେକ ପାହାଡ଼ୀ ପର୍ଯ୍ୟଟନ ସ୍ଥଳ, ଚର୍ତୁଦିଗରେ ପାହାଡ଼ ଦ୍ୱାରା ଆବଦ୍ଧ ଓ ପାନୀୟ ପାତ୍ର ଆକୃତିର ଏକ ହ୍ରଦ ନିକଟରେ ଅବସ୍ଥିତ । ସେମାନଙ୍କର ଗଡ଼ାଣିଆ ଅଞ୍ଚଳ ଗୁଡ଼ିକ ଜଳଧାରା ପର୍ଯ୍ୟନ୍ତ ଘଞ୍ଚ ଜଙ୍ଗଲ ଦ୍ୱାରା ପରିପୂର୍ଣ୍ଣ । କାଶ୍ମୀରର ଶ୍ରୀନଗର ଏବଂ ତାମିଲନାଡୁର ଉଟି ପରି କେତେକ ସ୍ଥାନରେ ପର୍ବତ ଗୁଡ଼ିକ ବହୁ ଦୂରରେ ଘେରି କରି ରହିଥାଏ ଓ ପର୍ଯ୍ୟଟନ ସ୍ଥଳଗୁଡ଼ିକ ମୁକ୍ତ ପ୍ରଶସ୍ତ ଉପତ୍ୟକା କିମ୍ବା ତରଙ୍ଗାୟିତ ତୃଣଭୂମି ମଧ୍ୟରେ ଅବସ୍ଥିତ ହୋଇଥାଏ । ହିମାଳୟ ଓ ଅନ୍ୟ ପାହାଡ଼ିଆ ଅଞ୍ଚଳ ଠାରୁ ଦୂରରେ ଥିବା ରାଜସ୍ଥାନର ଉଦୟପୁର ସହର ହ୍ରଦ ପର୍ଯ୍ୟଟନ ସ୍ଥଳର ଏକ ଉଦାହରଣ ଅଟେ ।

ଟିପ୍ପଣୀ




*ଚିତ୍ର ୩୦.୭ (କ) ଶ୍ରୀନଗର ଓ (ଖ) ଉଦୟପୁରର ହ୍ରଦ ପର୍ଯ୍ୟଟନ ସ୍ଥଳ*

ମାଉଣ୍ଟ ଆବୁ, ମୋର୍‌ନି, ମାଥେରାନ୍, ପଞ୍ଚମାରୀ, ସାପୁତରା ଏବଂ ରାଞ୍ଚିପରି ପର୍ଯ୍ୟଟନ ସ୍ଥଳ ପାହାଡ଼ର ପ୍ରଶସ୍ତ ଶିଖର ଅଞ୍ଚଳ କିମ୍ବା ବନ୍ଧୁର ମାଳଭୂମି ଅଞ୍ଚଳରେ ଅବସ୍ଥିତ, ଯେଉଁଠାରୁ ସରସ ସବୁଜ ଉପତ୍ୟକା ଓ ଅରଣ୍ୟର ବିବିଧ ପ୍ରାକୃତିକ ଭୂଦୃଶ୍ୟ ଦୃଷ୍ଟିଗୋଚର ହୁଏ । ଶିଲଂ ଓ ଡ଼େଲହାଉସୀ, ପର୍ଯ୍ୟଟନ ସ୍ଥଳର ଏପରି ଦୁଇଟି ଉଦାହରଣ ଯିଏକି ଏକ ସଂକୀର୍ଣ୍ଣ ଉପତ୍ୟକା ଦ୍ୱାରା ବିଭକ୍ତ କେତେଗୁଡ଼ିଏ ପାହାଡ଼ ଉପରେ ଅବସ୍ଥିତ । ହିମାଚଳ ପ୍ରଦେଶର ଧର୍ମଶାଳା ଧଉଳଧରରୁ କାଙ୍ଗ୍ରା ଉପତ୍ୟକା ମଝିରେ ଥିବା ଗିରିପଥର ଉପର ପ୍ରଶସ୍ତ ଅଞ୍ଚଳରେ ଅବସ୍ଥିତ । ପର୍ଯ୍ୟଟକମାନେ ସାରା ଦିନ ଉଚ୍ଚ ପାହାଡ଼ର ଗୋଟିଏ ପ୍ରାନ୍ତରୁ ଅନ୍ୟ ଗୋଟିଏ ପ୍ରାନ୍ତକୁ ବୃତ୍ତାକାର ପଥରେ ବହୁଦୂର ପଥ ଚାଲି ଚାଲି ଯିବାରେ ବ୍ୟସ୍ତ ରୁହନ୍ତି । ନଦୀ କୂଳରେ ଅବସ୍ଥିତ ମନାଲି ଏବଂ ପହେଲଗାଁଓରେ ଉପତ୍ୟକା ଓ ଉଚ୍ଚ ପାହାଡ଼ର ଶୋଭା ଏକା ସାଙ୍ଗରେ ଉପଭୋଗ କରିହୁଏ । ଭାରତ ଓ ଭୂଟାନ ସୀମା ନିକଟବର୍ତ୍ତୀ ଅରୁଣାଞ୍ଚଳ ପ୍ରଦେଶର ତଓ୍ୱାଙ୍ଗ, ଜାମ୍ମୁ କାଶ୍ମୀରର ଲେହ ଓ ଗୁଲମାର୍ଗ, ହିମାଚଳ ପ୍ରଦେଶର ଚାଲି, ଶିମଳା, ଡ଼େଲହାଉସୀ, ତାବୁ, ଝାଂଗଲା, ଥାନେଦାର ଏବଂ ମାଶୋଲୋରା ଅଧିକ ଉଚ୍ଚତାରେ ଅବସ୍ଥିତ ପାହାଡ଼ୀ ପର୍ଯ୍ୟଟନ ସ୍ଥଳ ଅଟେ ।

ଅତ୍ୟଧିକ ଉଚ୍ଚ ପାହାଡ଼ିଆ ଅଞ୍ଚଳ ଅପେକ୍ଷା, ଅଳ୍ପ ଉଚ୍ଚ ପର୍ବତ ଶ୍ରେଣୀ ଓ ଉପତ୍ୟକା ଥିବା ପ୍ରାକୃତିକ ଅଞ୍ଚଳ ଅଧିକ ଆକର୍ଷଣୀୟ ଅଟେ । ଏହାର ଭୂ-ଦୃଶ୍ୟ କୁ ଭଲ ଭାବରେ ଉପଭୋଗ କରିବାର ଏକ ପରିମାପକ ଅଟେ । ଯେତେ ଅଧିକ ଉପଭୋଗ ହେବ, ସେତେ ଅଧିକ ପର୍ଯ୍ୟବେକ୍ଷକ ମାନଙ୍କ ମନରେ ପ୍ରଭାବ ନାଟକୀୟ ହେବ । ହ୍ରଦ, ଜଳପ୍ରପାତ, ଝରଣା ଓ ଭୂଗର୍ଭସ୍ଥ ଜଳାଶୟ ପରି ପ୍ରାକୃତିକ ଅଞ୍ଚଳ ଗୁଡ଼ିକରେ ଜଳର ଉପସ୍ଥିତି ପର୍ଯ୍ୟଟନ ସ୍ଥଳର ସୌନ୍ଦର୍ଯ୍ୟର ଅଭିବୃଦ୍ଧିରେ ସାହାଯ୍ୟ କରେ । ଜବଲପୁରର ନିକଟରେ ନର୍ମଦା ନଦୀର ଧୁଆଁଧାର ଜଳପ୍ରପାତ



ଟିପ୍ପଣୀ

ଓ ପଞ୍ଚମାରୀ ନିକଟରେ ଥିବା ଭୂଗର୍ଭସ୍ଥ ଜଳାଶୟ ଏହାର ଏକ ଜ୍ୱଳନ୍ତ ଉଦାହରଣ ଅଟେ । ଚତୁର୍ଦ୍ଦିଗରେ ଘେରି ରହିଥିବା ପାହାଡ଼ ଗୁଡ଼ିକୁ ଏହି ଜଳାଶୟ ଏକ ଅପୂର୍ବ ଶୋଭା ପ୍ରଦାନ କରେ । ହ୍ରଦ ଓ ନଦୀର ଜଳରେ ନିକଟସ୍ଥ ଜଙ୍ଗଲର ପ୍ରତିଫଳିତ ଛବି ଦର୍ଶକର ଦୃଶ୍ୟ ପଟରେ ଏକ ଗଭୀର ରେଖାପାତ କରେ ।

ଜଳକ୍ରୀଡ଼ା ଦ୍ୱାରା ମନୋରଂଜନ ପର୍ଯ୍ୟଟକକୁ ବହୁ ସମୟ ଧରି ବ୍ୟସ୍ତ ରହିଥାଏ । ଗୋଟିଏ ପାହାଡ଼ୀ ପର୍ଯ୍ୟଟନ ସ୍ଥଳ ନିକଟରେ ଥିବା ଏକ ବଡ଼ ସହର ଅବସ୍ଥିତି ଦୃଷ୍ଟିରୁ ଲାଭଦାୟକ ହୋଇପଡ଼େ କାରଣ ସେଠାରେ ଥିବା ସହରୀ କର୍ମବ୍ୟସ୍ତ ଅଧିବାସୀମାନେ ସାପ୍ତାହିକ ଛୁଟିରେ ବିଶ୍ରାମ ଓ ମନୋରଂଜନ ପାଇଁ ସେହି ସ୍ଥାନକୁ ଖୁବ୍ ସହଜରେ ଯାଇପାରନ୍ତି । ଦିଲ୍ଲୀ, ପୁନେ, ମୁମ୍ବାଇ ଓ ପଞ୍ଜାବର ଅଧିବାସୀମାନେ ଅଳ୍ପ କିଛି ଘଣ୍ଟାର ଯାତ୍ରା ପରେ ମାଥେରାନ, ମଶୌରୀ, ମହାବଳେଶ୍ୱର, ସିମଳା ଓ କସୌଲି ପରି ସ୍ଥାନରେ ପହଞ୍ଚି ଯାଇପାରନ୍ତି । କିନ୍ତୁ ସହଜ ଯାତାୟତ ଦ୍ୱାରା ପ୍ରଚଣ୍ଡ ଗ୍ରୀଷ୍ମ ଋତୁରେ ଏଠାରେ ପର୍ଯ୍ୟଟକମାନଙ୍କର ଭିଡ଼ ବେଶ୍ ଜମିଯାଏ । ଏହାଦ୍ୱାରା ସେମାନଙ୍କର ପ୍ରାକୃତିକ ପରିବେଶ ନଷ୍ଟହୋଇ ଯିବା ଦ୍ୱାରା, କଂକ୍ରିଟ୍ ନିର୍ମିତ ଅଟ୍ଟାଳିକା ଦ୍ୱାରା ଗଠିତ ପରିବେଶ ଏହାର ସ୍ଥାନ ନିଏ ।


ଯଦି କୌଣସି ସମତଳ ରାଜ୍ୟରେ କେବଳ ଗୋଟିଏ ପାହାଡ଼ୀ ପର୍ଯ୍ୟଟନ କ୍ଷେତ୍ର ଥାଏ, ତେବେ ତାହାର ଗୁରୁତ୍ୱ ଅଧିକ ହୋଇଯାଏ । ଏହି ବିଶେଷ କାରଣରୁ ପଞ୍ଚମାରୀ, ମାଉଣ୍ଟଏବୁ ଏବଂ ରାଞ୍ଚି ଗ୍ରୀଷ୍ମ ଋତୁରେ ନିଜ ନିଜ ରାଜ୍ୟରେ ଏକ ମହତ୍ତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳରେ ପରିଣତ ହୁଏ । ଉପଯୁକ୍ତ ଓ ମହତ୍ତ୍ୱପୂର୍ଣ୍ଣ ଅବସ୍ଥାନର ଫାଇଦା ବ୍ୟତୀତ, ବିବିଧ କାର୍ଯ୍ୟକଳାପ ପାଇଁ ସୁବିଧା ସୁଯୋଗ ଓ ନିକଟବର୍ତ୍ତୀ ଆକର୍ଷଣୀୟ ପର୍ଯ୍ୟଟନ କେନ୍ଦ୍ରମାନଙ୍କୁ ପରିଦର୍ଶନ ବ୍ୟବସ୍ଥା, ସେହି ସ୍ଥାନଗୁଡ଼ିକର ଉପଯୋଗିତାକୁ ଅଧିକ ବଢ଼ାଇ ଦିଏ । ଶୀତକାଳୀନ, ଗ୍ରୀଷ୍ମକାଳୀନ ଓ ଲୋକ ଉତ୍ସବ ଗୁଡ଼ିକର ଆୟୋଜନ ସ୍ଥାନୀୟ ହସ୍ତକଳା ଓ ବିରଳ ଉଦ୍ଭିଦମାନଙ୍କର ପ୍ରଦର୍ଶନୀ ଓ ମେଳା ଏବଂ ଉତ୍ସବମାନଙ୍କର ସ୍ଥାନୀୟ ଅଧିବାସୀମାନଙ୍କ ଦ୍ୱାରା କଳା ପ୍ରଦର୍ଶନ, ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକୁ ଅଧିକ ଚିତ୍ତାକର୍ଷକ ଓ ଲୋଭନୀୟ କରିଦିଏ । ତ୍ରିପୁରାର ଏକ ଛୋଟ ପର୍ଯ୍ୟଟନ ସ୍ଥଳର ପ୍ରବେଶ ଦ୍ୱାରର ଫଳକରେ ଲେଖାଯାଇଛି, "ଯଦି ଆପଣ ତ୍ରିପୁରାର ସପୁରୀର ସ୍ୱାଦ କେବେ ଚାଖିଛନ୍ତି, ତେବେ ଆପଣ ସିମଳାର ସେଓ ପ୍ରତି ଲାଳାୟିତ ହେବେ ନାହିଁ ।"

କେତେକ ପାହାଡ଼ୀ ପର୍ଯ୍ୟଟନ ସ୍ଥଳଠାରୁ ନିକଟରେ ଥିବା ଦର୍ଶନୀୟ ସ୍ଥାନକୁ ବୁଲି ଦେଖିବାର ବ୍ୟବସ୍ଥା ଥାଏ । ଏହି ସ୍ଥାନରୁ ପର୍ଯ୍ୟଟକମାନେ ନିକଟବର୍ତ୍ତୀ ଅଞ୍ଚଳରେ ଥିବା ବରଫ ଆଚ୍ଛାଦିତ ପର୍ବତ ଶୃଙ୍ଗ (ବରଫ କ୍ରୀଡ଼ା ପାଇଁ), ସୂର୍ଯ୍ୟାସ୍ତ ଓ ସୂର୍ଯ୍ୟ ଉଦୟ ଉପଭୋଗ କରିବା ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ, ବନ୍ୟ ପ୍ରାଣୀ ଅଭୟାରଣ୍ୟ, ମନ୍ଦିର, ବୌଦ୍ଧ ସ୍ତୁପ, ଗୁମ୍ଫା, ପଥୁରିଆ ଅଞ୍ଚଳ ଏବଂ ପଥର ଖୋଦେଇ ମୂର୍ତ୍ତି ଦେଖିବାକୁ ଯିବାପାଇଁ ସୁବିଧା କରାଯାଇଥାଏ । ତୁମେ ଚାହିଁଲେ ଖୋଜି ବାହାର କରିପାରିବ କେଉଁ ପାହାଡ଼ୀ ପର୍ଯ୍ୟଟକ ସ୍ଥଳର ଆକର୍ଷଣ ଏହି କାରଣରୁ ବୃଦ୍ଧି ପାଇଛି ।

### (ଖ) ବେଳାଭୂମି ପର୍ଯ୍ୟଟନ ସ୍ଥଳ

ଗୁଜୁରାଟର କାଣ୍ଡଲା ଠାରୁ ପଶ୍ଚିମବଙ୍ଗର କଲିକତା ପର୍ଯ୍ୟନ୍ତ ଭାରତର ୭୦୦୦କି.ମିର ଅଧିକ ଦୈର୍ଘ୍ୟର ଉପକୂଳ ରେଖା ରହିଅଛି । ଏଥିଲେ ଦ୍ୱୀପପୁଞ୍ଜ ଗୁଡ଼ିକର ଉପକୂଳ ମଧ୍ୟ ଅନ୍ତର୍ଭୁକ୍ତ ଅଟେ । ଏହି ସୁଦୀର୍ଘ ଉପକୂଳ ବେଳାଭୂମି ପର୍ଯ୍ୟଟନର ବିକାଶ ଓ ବିସ୍ତାର ଦିଗରେ ସହଯୋଗ କରୁଛି । କେରଳର କୋଭଲାମ ଓ ଗୋଆରେ ଥିବା କେତେକ ସୁନ୍ଦର ବେଳାଭୂମି ପର୍ଯ୍ୟଟକମାନଙ୍କର ପସନ୍ଦର ତାଲିକାରେ ସ୍ଥାନ ପାଇଛି । କେତେକ ନିର୍ଦ୍ଦିଷ୍ଟ ବର୍ଷରେ ଏପରିକି ସ୍ୱଦେଶୀ ପର୍ଯ୍ୟଟକମାନଙ୍କର ସଂଖ୍ୟା ବିଦେଶୀ ପର୍ଯ୍ୟଟକମାନଙ୍କ ତୁଳନାରେ ୧୩ଗୁଣରୁ ଅଧିକ ହୋଇଯାଏ ।

ଟିପ୍ପଣୀ




ଚିତ୍ର ୩୦.୮ ଗୋଆ ବେଳାଭୂମି

କୋଭଲମ୍ ବେଳାଭୂମି ସବୁଠାରୁ ଅଧିକ ଲୋକପ୍ରିୟ ଅଟେ କାରଣ ଏହାର ଉପକୂଳରେ ସମୁଦ୍ର ଜଳ ଶାନ୍ତ ରହିବା ସଂଗେ ସଂଗେ ସାର୍କ ମାଛର ମଧ୍ୟ ଭୟ ନଥାଏ, ଯେଉଁ ସୀମା ପର୍ଯ୍ୟନ୍ତ ସୂର୍ଯ୍ୟ ସ୍ନାନ କରିବା ପାଇଁ ସ୍ପେନ, ଇଟାଲୀ ଏବଂ ଦକ୍ଷିଣ ଫ୍ରାନ୍ସର ଉପକୂଳକୁ ପର୍ଯ୍ୟଟକମାନେ ଆକର୍ଷିତ ହୋଇ ଆସନ୍ତି, ସେହି ସୀମା ପର୍ଯ୍ୟନ୍ତ କୋଭାଲମ ବେଳାଭୂମିରେ ପର୍ଯ୍ୟଟକ ମାନଙ୍କୁ ସୂର୍ଯ୍ୟସ୍ନାନ ପାଇଁ ଅନୁମତି ଦିଆଯାଇନଥିଲେ ମଧ୍ୟ ଯେ କେହି ପର୍ଯ୍ୟଟକ ଏଠାରେ ମନଭରି ଉପଭୋଗ କରେ । ଏହା ମଧ୍ୟ ଏକ ସ୍ୱାସ୍ଥ୍ୟକର ପର୍ଯ୍ୟଟନ ସ୍ଥଳ ଅଟେ । ଏଠାରେ ପୁରାତନ ଆୟୁର୍ବେଦିକ ପକ୍ଷତିରେ ଶରୀରକୁ ମାଲିସ୍ କରିବାର ସୁବିଧା ଥାଏ । ତରଙ୍ଗ କ୍ରୀଡ଼ା ଓ ଜଳତରଙ୍ଗ (Sking) ପାଇଁ ଏହାର ପରିସ୍ଥିତି ଅନୁକୂଳ ଅଟେ । ଗୋଆର ପ୍ରଶସ୍ତ, ମୁକ୍ତ ଓ ସୂର୍ଯ୍ୟର ସୁନେଲୀ କିରଣରେ ଝଲସୁଥିବା ବାଲୁକାପୂର୍ଣ୍ଣ ବେଳାଭୂମିର ଆକର୍ଷଣ ବହୁତ ଅଧିକ । ଗୁଜୁରାଟର ସୌରାଷ୍ଟ୍ର ଉପକୂଳରେ ମାଇଲ୍ ମାଇଲ୍ ବ୍ୟାପି ଚିକ୍ ଚିକ୍ କରୁଥିବା ସୁନେଲୀ ବାଲୁକାପୂର୍ଣ୍ଣ ବେଳାଭୂମି ଅବସ୍ଥିତ ଅଟେ । ଜୁନାଗଡ଼ର ପୂର୍ବତନ ନବାବ ଏଠା ବେଳାଭୂମିରେ ମନୋରଞ୍ଜନ ପାଇଁ ଏକ ମହଲ ନିର୍ମାଣ କରିଥିଲେ । ଏହି ମହଲ ରାଜ ପରିବାରର ସ୍ତ୍ରୀଲୋକମାନଙ୍କର ଏବଂ ସେମାନଙ୍କ ସହଚରୀ ମାନଙ୍କର ବ୍ୟକ୍ତିଗତ ବ୍ୟବହାରରେ ଆସୁଥିଲା । ଏହି ମହଲ ଥିବା ସ୍ଥାନର ନାମ ଚୋରୱାଡ଼ ଏବଂ ଅହମଦପୁର-ମାଣ୍ଡଭୀ

ମହାରାଷ୍ଟ୍ର ଉପକୂଳରେ ମୁମ୍ବାଇର ଲୋକପ୍ରିୟ ଜୁହୁ ବେଳାଭୂମି ଠାରୁ ଦକ୍ଷିଣକୁ ୨୨୦କି.ମିରେ ଥିବା ମୁରୁଡ଼ ପର୍ଯ୍ୟନ୍ତ ଆଠଗୋଟି ଛୋଟ ବେଳାଭୂମି ରହିଅଛି । ଏହି ବେଳାଭୂମି ଗୁଡ଼ିକ ଆକାରରେ କ୍ଷୁଦ୍ର ଓ ପ୍ରାକୃତିକ



ଟିପ୍ପଣୀ

ସୌନ୍ଦର୍ଯ୍ୟରେ ଭରପୁର ହେଲେ ମଧ୍ୟ ପ୍ରଦୁଷଣ ମୁକ୍ତ ଅଟେ କିନ୍ତୁ ଏ ପର୍ଯ୍ୟନ୍ତ ଏଠାରେ ପର୍ଯ୍ୟଟନର ବିକାଶ ଯଥେଷ୍ଟ ହୋଇନାହିଁ । ଏହାର ଦକ୍ଷିଣକୁ ଥିବା ଗୋଆର ୧୦୫କି.ମି ଦୈର୍ଘ୍ୟ ବିଶିଷ୍ଟ ଉପକୂଳରେ ପ୍ରାୟ ୪୦ଗୋଟି ବେଳାଭୂମି ରହିଛି, ଯେଉଁଥିରୁ ୧୨ଗୋଟି ଅତ୍ୟନ୍ତ ଲୋକପ୍ରିୟ ଅଟେ । ଏଠାରେ ଲୋକମାନେ ଅତିଥି ପରାୟଣ ଓ ଖୁସି ମିଜାସର ହୋଇଥିବାରୁ ଏଠାରେ ପର୍ଯ୍ୟଟନର ବିକାଶ ସମ୍ଭବ ହୋଇପାରିଛି । କର୍ଣ୍ଣାଟକର ଦକ୍ଷିଣକୁ ସମୁଦ୍ର ଉପକୂଳରେ ମାଙ୍ଗାଲୋର ଏବଂ ମାଲପେ ଏବଂ ଉତ୍ତର ଉପକୂଳରେ କରଓ୍ୱାର ବେଳାଭୂମି ଅବସ୍ଥିତ ।

ଚେନେଇର ମେରିଆନା ବେଳାଭୂମି ସ୍ୱଚ୍ଛ ଓ ମୁକ୍ତ ସୂର୍ଯ୍ୟକିରଣ ପାଇଁ ପ୍ରସିଦ୍ଧ ଅଟେ । ଏହା ପୃଥିବୀର ଦ୍ୱିତୀୟ ଦୀର୍ଘତମ ବେଳାଭୂମି ଅଟେ । ଉତ୍ତରରେ ଚେନେଇ ପୋତାଶ୍ରୟ ଠାରୁ ଦକ୍ଷିଣରେ ସେଣ୍ଟ ଥୋମାସ୍ ଚର୍ଚ୍ଚ ପର୍ଯ୍ୟନ୍ତ ଦୀର୍ଘ ୧୨କି.ମି ବ୍ୟାପି ଏହା ବିସ୍ତୃତ । ଅଡ଼ୟାର ଜନବସତି ପର୍ଯ୍ୟନ୍ତ ବିସ୍ତୃତ ଶାନ୍ତ ଏଲିୟଟ ବେଳାଭୂମି ସହ ଏହା ସଂଯୁକ୍ତ ଅଟେ । ଏହାର ନିକଟରେ ମାନ୍ନାର ଉପସାଗର ରହିଛି ଯେଉଁଥିରେ କି ୨୧ଗୋଟି ଛୋଟ ବାଲୁକା ଦ୍ୱିପ ଦେଖିବାକୁ ମିଳେ ଯେଉଁଠାକୁ ମୂଳ ଭୂଖଣ୍ଡରୁ ଛୋଟ ଡ଼ିଆଁଟାଏ ମାରି ଯିବା ସମ୍ଭବ ଅଟେ ।

ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଉପକୂଳରେ ରାମକୃଷ୍ଣ ମିଶନ ଓ ରଷୀକୌଡ଼ା ନାମକ ଦୁଇଟି ବେଳାଭୂମି ରହିଅଛି । ଓଡ଼ିଶାର ପ୍ରାଚୀନ ସାମୁଦ୍ରିକ ବନ୍ଦର ଗୋପାଳପୁର ନିକଟରେ ଏକ ବେଳାଭୂମି ଦେଖିବାକୁ ମିଳେ । ଏହା ବାଲୁକା ସ୍ତୁପ ଦ୍ୱାରା ପରିପୂର୍ଣ୍ଣ ପୁରୀ ଓ କୋଣାର୍କେ ମଧ୍ୟ ଦୁଇଟି ବେଳାଭୂମି ରହିଛି । ବାଲେଶ୍ୱର ନିକଟବର୍ତ୍ତୀ ଗନ୍ଦୀପୁର ବେଳାଭୂମିର ଏକ ବିଶେଷତ୍ୱ ହେଉଛି କି ସମୁଦ୍ର ପ୍ରତ୍ୟେକ ଦିନ ଏଠାରେ ଭଟ୍ଟା ସମୟରେ ୫୫କି.ମି ପଛକୁ ଘୁଞ୍ଚି ଯାଇଥାଏ । ଦୀଘା ନାମକ ଏକ ବେଳାଭୂମି ପଶ୍ଚିମବଙ୍ଗର ଗଙ୍ଗାନଦୀର ମୁହାଣ ନିକଟରେ ଅବସ୍ଥିତ । ଏହାର ଦୈର୍ଘ୍ୟ ୬କି.ମି ଅଟେ, ଯାହାକି ପୃଥିବୀର ସବୁଠାରୁ ପ୍ରଶସ୍ତ ବେଳାଭୂମି ମାନଙ୍କ ମଧ୍ୟରେ ଅନ୍ୟତମ । ଏଠାରେ ସମୁଦ୍ର ଉତ୍ତାଳ ଓ ଶାନ୍ତ ଅଟେ । ଏହି ବେଳାଭୂମିରେ ଘଞ୍ଚ ଝାଉଁ ଜଙ୍ଗଲ ମଧ୍ୟ ଦେଖାଯାଏ । ଏହାର ଶାନ୍ତ ଓ ଅଗଭୀର ସମୁଦ୍ର ପାଇଁ ବର୍ତ୍ତମାନ ଏହା ନୌଯାତ୍ରା, ମାଛଧରା ଓ ମନୋରଞ୍ଜନ ନିମନ୍ତେ ଏକ ଲୋକପ୍ରିୟ ସାମୁଦ୍ରିକ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ ହୋଇଛି ।

- ◆ ପର୍ଯ୍ୟଟକ ସ୍ଥଳଗୁଡ଼ିକୁ, ଅବସ୍ଥିତି, ଅଞ୍ଚଳ ଏବଂ ପର୍ଯ୍ୟଟକମାନଙ୍କ ମନୋରଞ୍ଜନ ପାଇଁ ମିଳୁଥିବା ସୁବିଧା ସୁଯୋଗକୁ ଆଧାର କରି ବିଭିନ୍ନ ଭାଗରେ ବିଭକ୍ତ କରାଯାଇଛି ।
- ◆ ପର୍ବତୀୟ ପର୍ଯ୍ୟଟନ ସ୍ଥଳଗୁଡ଼ିକ ବିଭିନ୍ନ ଉଚ୍ଚତାରେ ପାହାଡ଼ ଓ ଶୃଙ୍ଗଗୁଡ଼ିକର ଉପରି ଭାଗରେ, ନଦୀ କୂଳରେ ଓ ହ୍ରଦ ନିକଟରେ ଅବସ୍ଥିତ ।
- ◆ ଯଦି କୌଣସି ପର୍ଯ୍ୟଟନ ସ୍ଥଳ ବଡ଼ ସହର କିମ୍ବା କୌଣସି ଆକର୍ଷଣୀୟ ସ୍ଥାନ ନିକଟରେ ଅବସ୍ଥିତ, ତେବେ ପର୍ଯ୍ୟଟନ ପାଇଁ ଏହା ମହତ୍ୱପୂର୍ଣ୍ଣ ହୋଇପଡ଼େ ।
- ◆ ଭାରତର ସୁଦୀର୍ଘ ଉପକୂଳରେ ବେଳାଭୂମି ପର୍ଯ୍ୟଟନର ବିକାଶ ପାଇଁ ସାମର୍ଥ୍ୟ ରହିଛି ।
- ◆ ଲୋକପ୍ରିୟ କେରଳ ଓ ଗୋଆ ବେଳାଭୂମିକୁ ବାଦ୍‌ଦେଇ ଅଧିକାଂଶ ବେଳାଭୂମି ବର୍ତ୍ତମାନ ସୁଦ୍ଧା ଅବହେଳିତ ଅବସ୍ଥାରେ ରହିଛି ।

## ପାଠଗତ ପ୍ରଶ୍ନ ୩୦.୪

୧. ନିମ୍ନ ପ୍ରକାର ଅଞ୍ଚଳ ଗୁଡ଼ିକରେ ଥିବା ପାହାଡ଼ୀ ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକର ଗୋଟିଏ ଲେଖାଏଁ ଉଦାହରଣ ଦିଅ ।

(କ) ପାହାଡ଼ର ତୀଖ ଅଞ୍ଚଳ (ହିମାଚଳ ପ୍ରଦେଶରେ) ________

(ଖ) ଲଗାଲଗି ହୋଇ ରହିଥିବା ପାହାଡ଼ର ଶିଖର ଅଞ୍ଚଳ (ମେଘାଳୟରେ) ________



ଟିପ୍ପଣୀ

(ଗ) ପାର୍ବତୀୟ ଉପତ୍ୟକାର ନଦୀକୂଳରେ (ଜାମ୍ମୁ କାଶ୍ମୀରରେ ) ______

(ଘ) ହ୍ରଦ ନିକଟରେ ( ଉତ୍ତରାଞ୍ଚଳରେ ) ______

୨. କୋଭେଲାମ ବେଳାଭୂମିର ଲୋକପ୍ରିୟତାର ଦୁଇଟି ପ୍ରଧାନ କାରଣ କ'ଣ ?

(କ) ______

(ଖ) ______

୩. ନିମ୍ନଲିଖିତ କେଉଁ ତିନୋଟି କାରଣ ପାହାଡ଼ୀ ପର୍ଯ୍ୟଟନ ସ୍ଥଳର ମହତ୍ତ୍ୱ ବୃଦ୍ଧି କରିବାରେ ସାହାଯ୍ୟ କରେ ?

( ଭରପୁର ପ୍ରାକୃତିକ ଦୃଶ୍ୟ, ଫେସନ ପ୍ରତି ରୁଚିଥିବା ପର୍ଯ୍ୟଟକ, କୌଣସି ନଗରର ନିକଟତା, ପୂଜା ଅର୍ଚ୍ଚନା ପାଇଁ ମନ୍ଦିର, ବରଫରେଖାର ନିକଟତା ଓ ବହୁତଳ ବିଶିଷ୍ଟ ଅଟ୍ଟାଳିକା )

(କ) ______

(ଖ) ______

(ଗ) ______

୪. ମହାରାଷ୍ଟ୍ର, ଓଡ଼ିଶା ଓ ତାମିଲନାଡୁରେ ଅବସ୍ଥିତ ଏକ ଏକ ପ୍ରଧାନ ବେଳାଭୂମିର ନାମ ଲେଖ ?

(କ) ______

(ଖ) ______

(ଗ) ______

## (ଗ) ସାଂସ୍କୃତିକ କେନ୍ଦ୍ର (Heritage Tourisms) ଐତିହ୍ୟ ପର୍ଯ୍ୟଟନ

ଭାରତ ଐତିହ୍ୟ ପର୍ଯ୍ୟଟନ କ୍ଷେତ୍ରରେ ଉନ୍ନତ ଅଟେ । ଏହା ଭାରତର ପ୍ରତ୍ୟେକ ସ୍ଥାନ ପାଇଁ ସତ୍ୟ ଅଟେ । ଅଧୁନା ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରରେ ଭାରତର ୨୬ଗୋଟି ଐତିହ୍ୟ ଯୁକ୍ତ ଅଞ୍ଚଳ ସ୍ଥାନ ପାଇଛି । ପୁରାତନ ମନ୍ଦିର ଓ ବିଭିନ୍ନ ଧର୍ମପୀଠଗୁଡ଼ିକ ସାଂସ୍କୃତିକ ଐତିହ୍ୟର ଅର୍ନ୍ତଭୁକ୍ତ ଅଟେ । ଏଠାରେ ଅନେକ ସ୍ଥାନ ରହିଛି, ଯେଉଁଠାରେ ଏକଦା ସାଧୁ, ସନ୍ଥ ଓ ମୁନି ଋଷିମାନଙ୍କର ଆଶ୍ରମ ଥିଲା । ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ଭକ୍ତ ଏହି ତୀର୍ଥସ୍ଥାନକୁ ଯାତ୍ରା କରନ୍ତି । ଦେଶର ପ୍ରତ୍ୟେକ ଅଞ୍ଚଳରେ ଏମାନଙ୍କର ସଂଖ୍ୟା ଓ ବ୍ୟାପକତା ଅନ୍ୟ ପର୍ଯ୍ୟଟନ କେନ୍ଦ୍ର ଅପେକ୍ଷା ଯଥେଷ୍ଟ ଅଧିକ । ସ୍ଥାପିତ ପ୍ରତିମୂର୍ତ୍ତୀ, ସ୍ମାରକୀ, ବିଭିନ୍ନ ବାସ୍ତୁକଳା ଏବଂ ପୁରାତନ ମନ୍ଦିର ସହ ଜଡ଼ିତ ପୌରାଣିକ ଲୋକକଥା ଜିଜ୍ଞାସୁ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରେ । ମନ୍ଦିର, ମିନାର ଓ ମହଲଗୁଡ଼ିକର ଗଠନ ଶୈଳୀ ଦେଶରୁ ଗୋଟିଏ ଅଞ୍ଚଳରୁ ଅନ୍ୟ ଗୋଟିଏ ଅଞ୍ଚଳ ମଧ୍ୟରେ ଭିନ୍ନ ଭିନ୍ନ ହୋଇଥାଏ । ଲାଦାଖ ଓ ସିକିମର ଗୁମ୍ଫା (ବୌଦ୍ଧ ମନ୍ଦିର) ଏବଂ ତାମିଲନାଡୁ ଓ ଦକ୍ଷିଣ ଭାରତ ରାଜ୍ୟର ହିନ୍ଦୁ ମନ୍ଦିର ଗୁଡ଼ିକର ପ୍ରବେଶଦ୍ୱାର ଏହାର ଜ୍ୱଳନ୍ତ ଉଦାହରଣ ଅଟେ । ଗୋପୁରମ୍ ଦକ୍ଷିଣ ଭାରତ ମନ୍ଦିରର ବିଶେଷ କରି ତାମିଲନାଡୁର ଏପରି ସିଂହଦ୍ୱାର ବା ପ୍ରବେଶ ଦ୍ୱାର ଅଟେ, ଯାହା ବିଭିନ୍ନ ଦେବଦେବୀ ମାନଙ୍କର ଖୋଦିତ ପ୍ରତିମୂର୍ତ୍ତୀ ଓ ପ୍ରତୀକ ଚିହ୍ନଦ୍ୱାରା ସଜ୍ଜିତ ହୋଇଛି ।

ହିନ୍ଦୁମାନେ ଦେଶର ପ୍ରମୁଖ କୋଣରେ ତୀର୍ଥସ୍ଥାନ ଗୁଡ଼ିକ ପ୍ରତିଷ୍ଠା କରିବାପାଇଁ ଆଗ୍ରହ ପରିଚୟ ଦେଇଛନ୍ତି । ହିନ୍ଦୁମାନଙ୍କର ଚାରୋଟି ପବିତ୍ରତମ ତୀର୍ଥସ୍ଥଳ ରହିଛି ଯାହାକୁ 'ଧାମ' କୁହାଯାଏ । ପ୍ରାଚୀନ କାଳରେ ଯାତାୟତର ଘୋର ଅସୁବିଧା ଥିଲେ ମଧ୍ୟ ସେତେବେଳର ଲୋକମାନେ ଜୀବନ କାଳ ମଧ୍ୟରେ ଥରେ ହେଲେ ବି ଚାରିଧାମ



ଟିପ୍ପଣୀ

ଦର୍ଶନ କରି ପୁଣ୍ୟ ଅର୍ଜନ କରିବାକୁ ଚାହୁଁଥିଲେ, ସେହି ପବିତ୍ର ଧାମ ଗୁଡ଼ିକ ହେଲା ଉତ୍ତରରେ ବଦ୍ରୀନାଥ, ଦକ୍ଷିଣରେ ରାମେଶ୍ୱରମ୍, ପଶ୍ଚିମରେ ଦ୍ୱାରକା ଏବଂ ପୂର୍ବରେ ଜଗନ୍ନାଥ ଧାମ । ଏହା ଛଡ଼ା "ସାତୋଟି ପୁରୀ" ରହିଛି ଭାରତରେ ଯାହାକୁ ଅତି ପବିତ୍ର ସ୍ଥାନ ବୋଲି ବିବେଚନା କରାଯାଏ । ସେଗୁଡ଼ିକ ହେଲା ପୂର୍ବରେ ପୁରୀ, ଦକ୍ଷିଣରେ କାଞ୍ଚୀପୁରମ୍, ମଧ୍ୟ ଅଞ୍ଚଳରେ ବାରଣାସୀ (କାଶିପୁରୀ) ଅଯୋଧ୍ୟା, ହରିଦ୍ୱାର (ମାୟାପୁରୀ), ଉଜ୍ଜୟେନର (ଅବନ୍ତୀକାପୁରୀ) ଏବଂ ପଶ୍ଚିମରେ ଦ୍ୱାରକାପୁରୀ ଅନ୍ୟତମ । ପୌରାଣିକ ଦୃଷ୍ଟିରୁ ସବୁଠାରୁ ଅଧିକ ପବିତ୍ର ୧୨ଟି ଶିବ ମନ୍ଦିର ଭାରତର ବିଭିନ୍ନ ଅଞ୍ଚଳରେ ଅବସ୍ଥିତ । ଏମାନଙ୍କୁ ଜ୍ୟୋତିଲିଙ୍ଗ କୁହାଯାଏ । ଏମାନଙ୍କର ଉତ୍ପତ୍ତି ସହିତ ବହୁ ପୌରାଣିକ କିମ୍ବଦନ୍ତୀ ଜଡ଼ିତ ଅଟେ । ଏହିପରି ଆହୁରି ୫୧ଟି ପବିତ୍ର ସ୍ଥାନ ରହିଛି, ଯାହାକୁ ଶକ୍ତିପୀଠ କୁହାଯାଏ । ଏଠାରେ ଭକ୍ତମାନେ ଦେବୀଙ୍କର ବିଭିନ୍ନ ରୂପକୁ ପୂଜା କରନ୍ତି । ଦେବୀଙ୍କୁ ଜନ୍ମଦାତ୍ରୀ ମା' ସହ ତୁଳନା କରାଯାଏ । ମଥୁରା ଓ ବୃନ୍ଦାବନ ହିନ୍ଦୁମାନଙ୍କର ଆଉ ଏକ ତୀର୍ଥସ୍ଥାନ । ଏହା ଭଗବାନ କୃଷ୍ଣଙ୍କର ଜୀବନ ସହ ଜଡ଼ିତ ।

ଧର୍ମ ବିଶ୍ୱାସକୁ ଆଧାର କରି ବିଭିନ୍ନ ସଂପ୍ରଦାୟର ସୃଷ୍ଟି ହୁଏ, ଯାହାଦ୍ୱାରା ବିଭିନ୍ନ ସ୍ଥାନରେ ହିନ୍ଦୁମାନଙ୍କର ବିଭିନ୍ନ ତୀର୍ଥସ୍ଥାନର ଉତ୍ପତ୍ତି ହୁଏ । ପୁରାତନ ମନ୍ଦିର ଗୁଡ଼ିକର ନିର୍ମାଣ ବହୁ ଅସାଧାରଣ ସ୍ଥାନମାନଙ୍କରେ କରାଯାଏ ଯେପରି ପର୍ବତର ଶିଖରରେ ନଦୀମାନଙ୍କର ସଂଗମ ସ୍ଥାନରେ ନଦୀ ଓ ହ୍ରଦକୂଳରେ, ଦ୍ୱୀପ ଓ ଜଙ୍ଗଲ ମଧ୍ୟରେ ଏବଂ ଏକ କେନ୍ଦ୍ରସ୍ଥଳରେ ଯାହାର ଚତୁର୍ଦ୍ଦିଗରେ ବଡ଼ ସହର ଗୁଡ଼ିକ ଗଢ଼ି ଉଠିଥାଏ ଓ ବିସ୍ତାର ଲାଭ କରିଥାଏ । ଏହି ତୀର୍ଥସ୍ଥାନ ଗୁଡ଼ିକ ସହିତ ଜଡ଼ିତ ଅତୀତ ଘଟଣାବଳୀଗୁଡ଼ିକ ଉପସ୍ଥାପନା କରିବା ପାଇଁ, ପୌରାଣିକ ଜ୍ଞାନ ଥିବା ତାଲିମ ପ୍ରାପ୍ତ ପଥ ପ୍ରଦର୍ଶକ ମାନଙ୍କର ଆବଶ୍ୟକତା ଥାଏ । ଗୋଟିଏ ତୀର୍ଥସ୍ଥାନର ଭୌଗୋଳିକ ଅବସ୍ଥିତି ଓ ଐତିହାସିକ ଘଟଣାଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଭାବରେ ଉପସ୍ଥାପନ କରିବା ଦ୍ୱାରା ଜଣେ ପର୍ଯ୍ୟଟକ ଦେଶର ମନ୍ଦିର ପରମ୍ପରା ପ୍ରତି ଅଧିକ ଆକର୍ଷିତ ହୋଇଥାଏ ।

ଏହା ବ୍ୟତିତ ଐତିହାସିକ ନଗର, ପୁରାତନ ନଗରର ଧ୍ୱଂସାବଶେଷ ଏବଂ ଗୁମ୍ଫା ମଧ୍ୟରେ ପଥର ଖୋଦିତ ମନ୍ଦିର ମଧ୍ୟ ଆକର୍ଷଣର କେନ୍ଦ୍ର ଅଟେ । ବୌଦ୍ଧ ଧର୍ମସ୍ଥାନ ଗୁଡ଼ିକର ବିଶାଳ ସଭାଗୃହ ବା ଚୈତ୍ୟ, ସ୍ତୁପୋ, ସ୍ତମ୍ଭ ଏବଂ ତୋରଣର ଭଗ୍ନାବଶେଷ ମଧ୍ୟ ଦର୍ଶନୀୟ ସ୍ଥାନ ଅଟେ । ଏପରି କେତେକ ମନ୍ଦିର ଅଛି ଯାହାକି ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଭାବରେ ସମୁଦ୍ରରେ ବୁଡ଼ିଯାଇଛି କିମ୍ବା ଭଗ୍ନ ଅବସ୍ଥାରେ ପଡ଼ିରହିଛି । କେତେକ ଏହିପରି ସ୍ଥାନରେ ନୂଆ ମନ୍ଦିର କିମ୍ବା ପୂଜାସ୍ଥଳ ପୁନଃ ନିର୍ମାଣ କରାଯାଇଛି । ଏବେ ମଧ୍ୟ ଭକ୍ତମାନେ ପୂଜାର୍ଚ୍ଚନା ଓ ପ୍ରାର୍ଥନା କରିବା ପାଇଁ ଏହି ସ୍ଥାନମାନଙ୍କୁ ଯାଉଛନ୍ତି । ବିହାର ଓ ତାର ଆଖପାଖ ଅଞ୍ଚଳରେ ଭଗବାନ ବୁଦ୍ଧଙ୍କ ଜୀବନର କେତେକ ସ୍ମରଣୀୟ ଘଟଣାବଳୀ ସହ କେତେ ଗୁଡ଼ିଏ ସ୍ଥାନର ସମ୍ପର୍କ ରହିଛି । ବର୍ତ୍ତମାନ ଏହି ସ୍ଥାନଗୁଡ଼ିକ ଅନ୍ତଃରାଷ୍ଟ୍ରୀୟ ଆକର୍ଷଣ କେନ୍ଦ୍ରରେ ପରିଣତ ହୋଇଛି । ଜୈନଧର୍ମ ପୀଠଗୁଡ଼ିକ ଗୁଜୁରାଟ, ବିହାର, ରାଜସ୍ଥାନ ଓ କର୍ଣ୍ଣାଟକରେ ଦେଖିବାକୁ ମିଳେ । ଏଥିରେ ଜୈନ ସାଧୁମାନଙ୍କର ସୁନ୍ଦର ମୂର୍ତ୍ତୀଗୁଡ଼ିକ ରହିଅଛି । ଜୈନ ମନ୍ଦିରର କାନ୍ଥ ଓ ତୋରଣ ଗୁଡ଼ିକରେ ଜୈନ ସାଧୁ ସନ୍ଥମାନଙ୍କର ଜୀବନ ବୃତ୍ତାନ୍ତ ପଥରରେ ଖୋଦନ କରାଯାଇଛି । ବିହାରର ହଜାରିବାଗ ନିକଟରେ ଥିବା ପାରସନାଥ ପର୍ବତ ଜୈନ ଧର୍ମାବଲମ୍ବୀମାନଙ୍କର ଏକ ପବିତ୍ରତମ ସ୍ଥାନ ଅଟେ ।

ପଞ୍ଜାବ, ବିହାର, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ହିମାଳୟର କେତେକ ସ୍ଥାନରେ ଶିଖ୍‌ମାନଙ୍କର ଧର୍ମସ୍ଥାନ ଗୁଡ଼ିକ ଅବସ୍ଥିତ । ଏମାନଙ୍କ ମଧ୍ୟରେ ପଞ୍ଜାବର ଅମୃତସରରେ ଥିବା 'ହର ମନ୍ଦିର ସାହିବ' ପ୍ରଧାନ ଅଟେ । ଗୋଆ ଓ କେରଳରେ କେତେକ ପୁରୁଣା ଗିରିଜା ଘର (ଚର୍ଚ୍ଚ) ଓ ଇହୁଦୀ ଏବଂ ପାର୍ସୀମାନଙ୍କର କେତେକ ଉପସନାସ୍ଥଳ ବର୍ତ୍ତମାନ ମଧ୍ୟ ସୁରକ୍ଷିତ ଅବସ୍ଥାରେ ରହିଅଛି । ଏହା ଭାରତ ପାଇଁ ଏକ ଗର୍ବର ବିଷୟ ଅଟେ ।

ଭାରତରେ କେତେକ ପ୍ରସିଦ୍ଧ ମସଜିଦ୍ ଅଛି, ଯେଉଁଗୁଡ଼ିକ ସେମାନଙ୍କର ଉଚ୍ଚାଉଚ୍ଚା କାରୁକାର୍ଯ୍ୟ ପୂର୍ଣ୍ଣ ମିନାର ଗୁଡ଼ିକ ପାଇଁ ବହୁ ଦୂରରୁ ପର୍ଯ୍ୟଟକମାନଙ୍କର ଦୃଷ୍ଟି ଆକର୍ଷଣ କରେ । ଏଠାରେ ମୁସଲିମ୍ ସମ୍ପ୍ରଦାୟର ଉପାସନା ଓ ନମାଜ ପାଠ ପାଇଁ ବିରାଟ ଚାରିକୋଣିଆ ପ୍ରାଙ୍ଗଣ ମାନ ରହିଥାଏ । ଦିଲ୍ଲୀର ପ୍ରସିଦ୍ଧ ଜାମା ମସଜିଦ୍, ହାଇଦ୍ରାବାଦର ମକା ମସଜିଦ୍, ଭୋପାଳର ତାଜ ମସଜିଦ୍, ଶ୍ରୀନଗରର ନୂଆ ହଜରତବାଲ ଓ ପୁରୁଣା ଶାହାମାଜାନ ମସଜିଦ୍ ଏବଂ ଆଜମେରର ପ୍ରସିଦ୍ଧ ମୋଇନୁଦ୍ଦିନ୍ ଚିସ୍ତିଙ୍କର ଦରଘା ଓ ଦିଲ୍ଲୀର ନିଜାମୁଦ୍ଦୀନ ଔଲିଆଙ୍କ ଦରଘା ଗୁଡ଼ିକ ଗୋଟିଏ ଗୋଟିଏ ସୁନ୍ଦର ଦର୍ଶନୀୟ ସ୍ଥାନ ଅଟେ ।

ଟିପ୍ପଣୀ




*ଚିତ୍ର : ୩୦.୯ ଭାରତର ପ୍ରଧାନ ଧର୍ମସ୍ଥଳ ଗୁଡ଼ିକର ମାନଚିତ୍ର*

**(Map of Major Religious Centra)**


ଭାରତର ଦୁଇଟି ପୁରାତନ ନଗରର ଭଗ୍ନାଂବଶେଷ ବର୍ତ୍ତମାନ ମଧ୍ୟ ପର୍ଯ୍ୟଟକମାନଙ୍କ ପାଇଁ ପ୍ରଧାନ ଆକର୍ଷଣର କେନ୍ଦ୍ର ହୋଇ ରହିଅଛି । ଏମାନଙ୍କ ମଧ୍ୟରୁ ଗୋଟିଏ ହେଉଛି କର୍ଣ୍ଣାଟକ ରାଜ୍ୟର ହାମ୍ପି ଏବଂ ଅନ୍ୟଟି ଉତ୍ତର ପ୍ରଦେଶର ଆଗ୍ରା ନିକଟରେ ଥିବା ଫତେପୁର ସିକ୍ରୀ । ହାମ୍ପିର ଭଗ୍ନାଂବଶେଷ ଖୁବ୍ ଆକର୍ଷଣୀୟ ଅଟେ କାରଣ ଏଠାରେ ଡ଼େକାନ ମାଳଭୂମିର ପୁରାତନ ଶିଳା ବହୁତ ପରିମାଣରେ ଦେଖିବାକୁ ମିଳେ । ରାଜପ୍ରାସାଦ, ମନ୍ଦିର, ବିପଣନ କେନ୍ଦ୍ର ଏବଂ ତୁଙ୍ଗଭଦ୍ରା ନଦୀ କୂଳରେ ଥିବା ଜଳଶୟର ଭଗ୍ନ ଅଂଶ ଗୁଡ଼ିକ ଏଥିରେ ଅର୍ନ୍ତଭୁକ୍ତ । ହାମ୍ପି ଦୁଇ ଶତାବ୍ଦୀ ଧରି ବିଶାଳ ବିଜୟନଗର ରାଜ୍ୟର ରାଜଧାନୀ ଥିଲା । ଏହି ରାଜ୍ୟ ପଶ୍ଚିମରେ ଆରବ ସାଗର ଠାରୁ ପୂର୍ବରେ ବଙ୍ଗୋପସାଗର ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । ଏଥିରେ ଗୋଆ ରାଜ୍ୟ ମଧ୍ୟ ଅର୍ନ୍ତଭୁକ୍ତ ଥିଲା । ରାଜପୁତ୍, ମୋଗଲ, ମରାଠା ଏବଂ ସେମାନଙ୍କ ସମୟର ଅନ୍ୟ ଶକ୍ତିଶାଳୀ ସମ୍ରାଟମାନେ ନିଜର ସୁରକ୍ଷା ଓ ମହିମା ପ୍ରଦର୍ଶନ ପାଇଁ ଏହି ବିଶାଳ ଦୁର୍ଗ ସବୁ ନିର୍ମାଣ କରିଥିଲେ । ଦିଲ୍ଲୀ ନିକଟସ୍ଥ ମେହେରୌଲିରେ ଥିବା କୁତବମିନାର୍ ଏବଂ ରାଜସ୍ଥାନର ଚିତୋରଗଡ଼ ଦୁର୍ଗରେ ନିର୍ମାଣ କରାଯାଇଥିବା ବିଶାଳ କିର୍ତ୍ତୀ ସ୍ତମ୍ଭ ପରି ବିଜୟ ଦୁର୍ଗଗୁଡ଼ିକ ବହୁଦୂରରୁ ପର୍ଯ୍ୟଟକମାନଙ୍କୁ ଆକର୍ଷଣ କରେ । ଇଂରେଜ ଶାସକ ମାନଙ୍କ ଦ୍ୱାରା ନିର୍ମିତ କଲିକତାରେ 'ଫୋର୍ଟ ଉଇଲିୟମ୍' ଓ ଚେନେଇର 'ଫୋର୍ଟ ସେଣ୍ଟ ଜର୍ଜ' ଏବଂ କୋଚିର ପର୍ତ୍ତୁଗୀଜ ମାନଙ୍କ ଦ୍ୱାରା ନିର୍ମିତ ଦୁର୍ଗ ଏକ ବିଶିଷ୍ଟ ଶୈଳୀରେ ନିର୍ମାଣ କରାଯାଇଛି । ଏହା ମଧ୍ୟ ଏକ ପର୍ଯ୍ୟଟନ ସ୍ଥଳ ଅଟେ । ମାନଚିତ୍ରରେ କେତେକ ପ୍ରସିଦ୍ଧ ମନ୍ଦିର, ନଷ୍ଟ ହୋଇଯାଇଥିବା ସହର, ସ୍ମାରକୀ ତଥା ଦୁର୍ଗଗୁଡ଼ିକୁ ଚିହ୍ନାଅ ।



ଟିପ୍ପଣୀ

ଭାରତର ବରପୁତ୍ର ମାନଙ୍କର ତ୍ୟାଗ, ବଳୀଦାନ, ବୀରତ୍ୱ ଓ ସାହସପୂର୍ଣ୍ଣ କର୍ମଭୂମି ଗୁଡ଼ିକ ମଧ୍ୟ ଭାରତୀୟ ସାଂସ୍କୃତିକ ଐତିହ୍ୟର ଅନ୍ତର୍ଭୁକ୍ତ ଅଟେ । ଉଦୟପୁରର ନିକଟରେ ହଦଲୀଘାଟ, ଅମୃତସରର ଜାଲିଆନାୱାଲାବାଗ, ପୋର୍ଟ ବ୍ଲେୟାରର ସେଲୁଲାର ଜେଲ, କନ୍ୟାକୁମାରୀର ବିବେକାନନ୍ଦ ଶିଳା ସ୍ମାରକୀ, ଅହମଦାବାଦର ସାବରମତୀରେ ଗାନ୍ଧୀ ଆଶ୍ରମ, ମହାରାଷ୍ଟ୍ରର ସେବା ଗ୍ରାମ ଏବଂ ପଣ୍ଡିଚେରୀର ଶ୍ରୀଅରବିନ୍ଦ ଆଶ୍ରମ, ଏହାର କେତେକ ଉଦାହରଣ ଅଟେ । କେରଳର ଆଲୱାଇ ନିକଟରେ କାଲାଡ଼ିର ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କର ଜନ୍ମସ୍ଥାନ ମଧ୍ୟ ଏକ ଭୁଲିବାର ସ୍ଥାନ ନୁହେଁ ।

ଆମ ଦେଶର ପ୍ରମୁଖ ନଗର ଏବଂ ଐତିହାସିକ ଗୁରୁତ୍ୱ ଥିବା ସ୍ଥାନଗୁଡ଼ିକରେ ନିର୍ମିତ ଏବଂ ପରିଚାଳିତ ସଂଗ୍ରହାଳୟ, ଚିଡ଼ିୟାଖାନା, କଳାକେନ୍ଦ୍ର ତଥା ସ୍ୱାଧୀନ ଭାରତରେ ନିର୍ମାଣ କରାଯାଇଥିବା ବଡ଼ ନଗର ଗୁଡ଼ିକର ସାଂସ୍କୃତିକ ଗୁରୁତ୍ୱ କିଛି କମ୍ ନୁହେଁ ।




*ଚିତ୍ର ୩୦.୧୦ ଭାରତର ସାଂସ୍କୃତିକ ସ୍ଥଳର ମାନଚିତ୍ର*



ଟିପ୍ପଣୀ

- ତୀର୍ଥ ସ୍ଥାନ, ପୁରାତନ ଦୁର୍ଗ, ସ୍ମାରକୀ ଏବଂ ଭଗ୍ନାଂବଶେଷ ସାଂସ୍କୃତିକ କେନ୍ଦ୍ରର ଅର୍ନ୍ତଭୁକ୍ତ ଅଟେ ।
- ଭାରତର ମହାପୁରୁଷମାନଙ୍କର ଜୀବନ ସହ ଜଡ଼ିତ ସ୍ଥାନ, ସଂଗ୍ରହାଳୟ, କଳାକେନ୍ଦ୍ର ଏବଂ ସାମୟିକ ପ୍ରଦର୍ଶନୀଗୁଡ଼ିକ ସାଂସ୍କୃତିକ ପର୍ଯ୍ୟଟନର ଉପାଦାନ ଅଟେ ।

## ପାଠଗତ ପ୍ରଶ୍ନ ୩୦.୫

୧. ନିମ୍ନଲିଖିତ ସ୍ଥାନଗୁଡ଼ିକର କେଉଁ ଧର୍ମାବଲମ୍ବୀମାନଙ୍କ ସହ ସମ୍ପର୍କ ଅଛି ।

(କ) ସାରନାଥ (______)

(ଖ) ସୋମନାଥ (______)

(ଗ) ପୁରୁଣା ଗୋଆ (______)

(ଘ) ଅମୃତସର (______)

(ଙ) ଆଜମେର (______)

୨. (କ) ଭାରତର ଚାରି ଦିଗରେ ଥିବା ପ୍ରସିଦ୍ଧ ହିନ୍ଦୁ ତୀର୍ଥସ୍ଥାନ (ଧାମ) ଗୁଡ଼ିକର ନାମ ଲେଖ ।

(i) ______________________

(ii) ______________________

(iii) ______________________

(iv) ______________________

(ଖ) ଯେ କୌଣସି ତିନୋଟି ପ୍ରାଚୀନ ମନ୍ଦିରର ଭୌଗୋଳିକ ଅବସ୍ଥିତି ଲେଖ ।

(i) ______________________

(ii) ______________________

(iii) ______________________

(iv) ______________________

### (ଘ) ସାହାସିକ ପର୍ଯ୍ୟଟନ (Non-Conventional Tourist Centre) ଅଣପାରମ୍ପରିକ ପର୍ଯ୍ୟଟନ ସ୍ଥଳ

ସାହାସିକ କ୍ରୀଡ଼ା ଦ୍ୱାରା ଅଣ ପାରମ୍ପରିକ ଗନ୍ତବ୍ୟ ସ୍ଥଳ ଗୁଡ଼ିକୁ ପଥ ଉନ୍ମୁକ୍ତ କରିବା ସଂଗେ ସଂଗେ ପର୍ଯ୍ୟଟନର ବିକାଶ ପାଇଁ ନୂତନ ଦିଗ ଦେଖାଏ । ଦୂର ସ୍ଥାନକୁ ଯାତ୍ରା କରିବା, ବରଫ କ୍ରୀଡ଼ା (ସ୍କିଇଁଙ୍ଗ୍), ନଦୀରେ ନୌକା ଚାଳନା, ଜଳକ୍ରୀଡ଼ା, ପର୍ବତ ଆରୋହଣ, ପାହାଡ଼ ଚଢ଼ିବା, ହ୍ୟାଙ୍ଗ ଗ୍ଲାଇଡ଼ିଙ୍ଗ୍, ପାରା ଗ୍ଲାଇଡ଼ିଙ୍ଗ୍ ଉପରକୁ ଉଠିବା ଏବଂ ବନ୍ୟ ପ୍ରାଣୀମାନଙ୍କର ବାସସ୍ଥାନ ନିକଟରେ ଶିବିର ସ୍ଥାପନ କରି ରହିବା ପରି କାର୍ଯ୍ୟଗୁଡ଼ିକ ସାହାସିକ ପର୍ଯ୍ୟଟନର ଅର୍ନ୍ତଭୁକ୍ତ ଅଟେ ।


ବର୍ତ୍ତମାନ ସମୁଦାୟ ପର୍ଯ୍ୟଟକ ସଂଖ୍ୟାର କେବଳ ୭% ଭାଗ ହେଉଛନ୍ତି ଦୁଃସାହସିକ ପର୍ଯ୍ୟଟକ । ୨୫ ରୁ ୩୫ ବର୍ଷ ମଧ୍ୟରେ ଥିବା ଯୁବ ପର୍ଯ୍ୟଟକମାନଙ୍କୁ ବହୁ ସଂଖ୍ୟାରେ ଆକର୍ଷିତ କରିବା ପାଇଁ ସାହାସିକ ପର୍ଯ୍ୟଟନର ବିକାଶ ହେବା ଆବଶ୍ୟକ ବିଦେଶୀ ପର୍ଯ୍ୟଟକମାନଙ୍କ ଲାଗିଥିବା ପୂର୍ବ ନିର୍ଦ୍ଧାରିତ ପର୍ଯ୍ୟଟନ କାର୍ଯ୍ୟକ୍ରମରେ ଏହାକୁ ସାମିଲ କରାଯାଇପାରିବ । ଆଉ କିଛି ଖର୍ଚ୍ଚରେ ସେମାନଙ୍କର ୨୮ ଦିନ ରହଣିରେ ଆଉ ଏକ ସପ୍ତାହ ବୃଦ୍ଧି କଲେ ଲାଭ ମିଳିପାରିବ ।

### (i) ଦୂର ସ୍ଥାନକୁ ପାଦରେ ଯାତ୍ରା କରିବା (Tracking) ଟ୍ରେକିଙ୍ଗ୍

ଏହି ଶବ୍ଦର ଅର୍ଥ ପୂର୍ବେ ଆଫ୍ରିକାର ଅଧିବାସୀମାନେ ବଳଦ ଗାଡ଼ିରେ ବହୁ ଦୂର ପରିଭ୍ରମଣରେ ଯିବାକୁ ବୁଝାଉଥିଲା । ବର୍ତ୍ତମାନ କିନ୍ତୁ ଏହାର ଅର୍ଥ ହେଉଛି ମନୋରଂଜନ ପାଇଁ ଦୂରସ୍ଥାନକୁ ପାଦରେ ଚାଲି ଚାଲି କିମ୍ବା ଦୁଇ ଚକିଆ ଯାନରେ ଏକ ଶ୍ରମ ସାଧ୍ୟ ଯାତ୍ରା କରିବା । ଏହା ଏକ ପ୍ରକାର ମନୋରଂଜନରେ ଭରପୁର ଯାତ୍ରା

ଅଟେ । ଏହାକୁ ସ୍ଥଳସେନାର ଯବାନ ମାନଙ୍କ ଦ୍ୱାରା ପହରା ଦେବାପାଇଁ ଲମ୍ବା ପରିଭ୍ରମଣ ସହ ତୁଳନା କରାଯାଏ । ଟ୍ରେକିଙ୍ଗ୍ ପାଇଁ ଜଣେ ପର୍ଯ୍ୟଟକୁ ବସ୍ତି ଠାରୁ ବହୁତ ଦୂରରେ ଥିବା ପାହାଡ଼ିଆ ଖାଲ ଢ଼ିପ ପାଦଚଲା ରାସ୍ତାରେ ଚାଲିବାକୁ ପଡ଼େ, ଯେଉଁଠାରେ କି ପରିବହନର କୌଣସି ସୁବିଧା ନଥାଏ, ସେମାନେ ମଧ୍ୟ ଅତି ଉଚ୍ଚରେ ଅନୁଭୂତ ହେଉଥିବା ଜଳବାୟୁର ବିଭିନ୍ନତା ସହ ନିଜକୁ ଖାପ ଖୁଆଇ ପାହାଡ଼ ଚଢ଼ନ୍ତି ଓ ଓହ୍ଲାନ୍ତି ଏବଂ ଗିରିପଥ ଗୁଡ଼ିକ ମଧ୍ୟ ଅତିକ୍ରମ କରନ୍ତି । ବାସ୍ତବିକ ମାନବ ସଭ୍ୟତାର ସବୁଠାରୁ ପୁରୁଣା ଯାତାୟତର ମାଧ୍ୟମ ହେଉଛି ପାଦରେ ଚାଲିଚାଲି ଯିବା । ଏହା ହେଉଛି ସବୁଠାରୁ କମ୍ ଖର୍ଚ୍ଚାନ୍ତ ଦୁଃସାହସିକ ପର୍ଯ୍ୟଟନ । ଏଥିରେ କେବଳ ଉତ୍ତମ ଶାରିରୀକ ଶକ୍ତି, ଧୈର୍ଯ୍ୟ ଓ ପ୍ରକୃତିକୁ ଉପଭୋଗ କରିବାର ଇଚ୍ଛା ବ୍ୟତିତ କୌଣସି ଉପକରଣର ଆବଶ୍ୟକତା ପଡ଼େ ନାହିଁ । ବହୁତ ଉଚ୍ଚ ପର୍ବତ ଗୁଡ଼ିକରେ ପାଦରେ ଭ୍ରମଣ କରିବା ପ୍ରକୃତରେ ସାହାସିକ କାର୍ଯ୍ୟ ଅଟେ । କିନ୍ତୁ ଦେଶରେ ଥିବା ଛୋଟ ପାହାଡ଼ ଗୁଡ଼ିକରେ ମଧ୍ୟ ସହଜରେ ଟ୍ରେକିଙ୍ଗ୍ ପାଇଁ ଯୋଜନା କରିହେବ । ବିଶେଷ କରି ସିକିମ୍, ଅରୁଣାଞ୍ଚଳ ପ୍ରଦେଶ, ହିମାଚଳ ପ୍ରଦେଶ, ଲାଦାଖ ଓ ଏହାର ଆଖପାଖ ଅଞ୍ଚଳରେ ଟ୍ରେକିଙ୍ଗ ପାଇଁ ପଥ ନିର୍ଣ୍ଣୟ କରାଯାଇଛି ।

କୁମାୟନ-ଗଡ଼ୱାଲ୍ ଏବଂ ହିମାଚଳ ପ୍ରଦେଶ ହିମାଳୟର ଉପର ଭାଗରେ ବହୁତ ଗୁଡ଼ିଏ ଛୋଟ ଏବଂ ଦୀର୍ଘ ଟ୍ରେକିଙ୍ଗ୍ ପଥ ରହିଅଛି । ଏହା ଅନ୍ତଃରାଷ୍ଟ୍ରୀୟ ବାଣିଜ୍ୟ କାରବାର ଓ ତିବ୍ବତର ପବିତ୍ର ସ୍ଥାନ କୈଳାଶ ଓ ମାନସରୋବରକୁ ଯାତ୍ରା କରୁଥିବା ତିର୍ଥଯାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ।




*ଚିତ୍ର : ୩୦.୧୧ ଲାଦାଖର ଟ୍ରେକିଙ୍ଗ୍ ପଥ*

## (ii) ପର୍ବତ ଆରୋହଣ (Mountain Climbing)

ପାର୍ବତ୍ୟ ଅଞ୍ଚଳର ପ୍ରାକୃତିକ ଦୃଶ୍ୟ ତଥା ଉଚ୍ଚ ହିମାଳୟର ଶୃଙ୍ଗଗୁଡ଼ିକ ବିଦେଶୀ ପର୍ଯ୍ୟଟକମାନଙ୍କ ସହ ଭାରତୀୟ ପର୍ବତରୋହୀମାନଙ୍କୁ ମଧ୍ୟ ଆକର୍ଷିତ କରେ । ନୈନ ସିଂହ ଓ କିଶନ ସିଂହ ଯେଉଁମାନଙ୍କ ବିଷୟରେ ପୂର୍ବରୁ ଆଲୋଚନା କରାଯାଇଛି, ସେମାନେ ହେଉଛନ୍ତି ପ୍ରଥମ ଭାରତୀୟ ପର୍ବତାରୋହୀ ଏଭରେଷ୍ଟ ଶୃଙ୍ଗ ବିଜୟୀ ଟେନ୍‌ଜିଙ୍ଗ ନରଗେ ସହିତ ସେମାନଙ୍କର ପର୍ବତାରୋହଣର ଇତିହାସ ଶେଷ ହୋଇନାହିଁ । ଆମ ଦେଶର ବହୁ ସଂଖ୍ୟକ ସ୍ତ୍ରୀ, ପୁରୁଷ ଏବଂ ବିଦେଶୀ ବହୁତ କମ୍ ଉପକରଣ ସାହାଯ୍ୟରେ ପର୍ବତ ଆରୋହଣ ଅଭିଯାନରେ



ଟିପ୍ପଣୀ

ସକ୍ଷମ ହୋଇଛନ୍ତି । ବଚେନ୍ଦ୍ରୀ ପାଲଙ୍କର ନାମ ପର୍ବତାରୋହୀ ଓ ଉଚ୍ଚ ଅଞ୍ଚଳ ପରିଭ୍ରମଣରେ ଯାଉଥିବା ଭାରତୀୟ ସାହାସୀ ମହିଳାମାନଙ୍କ ତାଲିକାରେ ଶୀର୍ଷରେ ସ୍ଥାନ ପାଇଛି । ସମୟ ବିତିଯିବା ସଂଗେ ସଂଗେ ଏଭରେଷ୍ଟ ଆରୋହଣ ଏକ ବ୍ୟବସାୟିକ ପର୍ବତାରୋହଣ କାର୍ଯ୍ୟରେ ବଦଳି ଯାଇଛି । ବିଭିନ୍ନ ଦେଶର ଅନେକ ପର୍ବତାରୋହୀ ଦଳ ନେପାଳ ସରକାରଙ୍କୁ ଲକ୍ଷ ଲକ୍ଷ ଟଙ୍କା ଦେଇ ଏଭରେଷ୍ଟ ଅଭିଯାନ ପାଇଁ ଆଗରୁ ସଂରକ୍ଷଣ କରିଦେଉଛନ୍ତି । ଏଥିରେ ସେରପା ପଥ ପ୍ରଦର୍ଶକଙ୍କର ସେବା ଓ ଅଭିଯାନ ଶିବିରରେ ଜିନିଷପତ୍ର ପହଞ୍ଚଇବାର ଖର୍ଚ୍ଚ ଅର୍ନ୍ତଭୁକ୍ତ ଅଟେ । ନେପାଳୀ ସେର୍‌ପାମାନଙ୍କ ପାଇଁ ଏଭରେଷ୍ଟ ଅଭିଯାନ ଜିବୀକା ଅର୍ଜନର ଏକ ପ୍ରଧାନ ପନ୍ଥା ହୋଇଯାଇଛି । ଏହି କାରଣରୁ ଏଭରେଷ୍ଟ ଶୃଙ୍ଗର ପାଦଦେଶରେ ସେରଫା ଜନବସତି ଗଢ଼ି ଉଠିଛି । ନେପାଳୀ ସରକାର ପାଇଁ ଏହା ବିଦେଶୀ ମୁଦ୍ର ଅର୍ଜନର ଏକ ବଡ଼ ସାଧନ ଅଟେ । ଏହାଦ୍ୱାରା ଭାରତରେ ପର୍ବତାରୋହଣର ଆର୍ଥୀକ ମହତ୍ତ୍ୱ ପ୍ରତିଷ୍ଠିତ ହେବା ସଂଗେ ସଂଗେ ପାର୍ବତ୍ୟାଞ୍ଚଳରେ ପ୍ରାକୃତିକ ସୌନ୍ଦର୍ଯ୍ୟର ସଂରକ୍ଷଣର ଆବଶ୍ୟକତା ମଧ୍ୟ ବୃଦ୍ଧିପାଉଛି ।

ହିମାଚଳ ପ୍ରଦେଶର ଉତ୍ତର ଭାଗରେ ଥିବା ଉଚ୍ଚ ହିମାଳୟରେ ବହୁତ ଗୁଡ଼ିଏ ବରଫ ଆଚ୍ଛାଦିତ ଗିରିଶୃଙ୍ଗ, ହିମବାହ ଏବଂ ଗଭୀର ଉପତ୍ୟକାମାନ ଦେଖିବାକୁ ମିଳେ । ପ୍ରତ୍ୟେକ ୨୦କି.ମି. ବ୍ୟବଧାନରେ ପାଖାପାଖି ୧୫୦ଟି ଗିରିଶୃଙ୍ଗ ରହିଅଛି । ପ୍ରତ୍ୟେକ ଶୃଙ୍ଗର ଉଚ୍ଚତା ହାରାହାରି ୫୪୦୦ମି.ରୁ ଅଧିକ । ବହୁ ବର୍ଷ ଧରି ଲୋକମାନଙ୍କର ଧାରଣା ଥିଲାଯେ ପର୍ବତାରୋହଣ ଦ୍ୱାରା ପର୍ବତ ଗୁଡ଼ିକୁ ଅପମାନିତ ଓ ଅପବିତ୍ର କରାଯାଏ । ଏହି କାରଣରୁ ବହୁତ ଗିରିଶୃଙ୍ଗର ନାମକରଣ କରାଯାଇନାହିଁ କି ସେଗୁଡ଼ିକୁ କେହି ଆରୋହଣ କରିନାହାଁନ୍ତି । ମେ ମାସ ଠାରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ଏଠାର ଜଳବାୟୁ ଅନୁକୂଳ ରୁହେ । ବହୁ ଅର୍ଥ ଖର୍ଚ୍ଚ କରି ଏହାର ପାଦଦେଶରୁ ସଡ଼କ ପରିବହନ ବ୍ୟବସ୍ଥାର ଉନ୍ନତି କରାଯାଇଛି । ଏହି ସୁବିଧା ଗୁଡ଼ିକ ପ୍ରଶିକ୍ଷଣ ଓ ଉପକରଣ ଗୁଡ଼ିକ ପାଇଁ ଥିବା ଆବଶ୍ୟକାର କଠିନିତାକୁ କିଛି ମାତ୍ରାରେ ଦୂର କରିପାରୁଛି । ଜାମ୍ମୁ କାଶ୍ମୀର ରାଜ୍ୟରେ ଥିବା ପିର ଫଜାଲ, ଉଚ୍ଚ ହିମାଳୟ (ହିମାଦ୍ରି), ଜାସ୍କର, ଲାଦାଖ ଏବଂ କାରାକୋରମ୍ ପର୍ବତ ଶ୍ରେଣୀରେ ବହୁତ ଗୁଡ଼ିଏ ଗିରିଶୃଙ୍ଗ ଅବସ୍ଥିତ । ଏଗୁଡ଼ିକର ହାରାହାରି ଉଚ୍ଚତା ୫୦୦୦ମି. ରୁ ୭୦୦୦ମି. ମଧ୍ୟରେ । ଏହି ଶୃଙ୍ଗ ଉପରୁ ପଡ଼ୋଶୀ ଦେଶ ପାକିସ୍ତାନ ଓ ତିବ୍ବତକୁ ଦେଖିବା ସମ୍ଭବ ହୁଏ ।

ଉତ୍ତରାଞ୍ଚଳ ହିମାଳୟର ଅନ୍ୟ ଏକ ସୁବିଧା ହେଲା ଏହା ଦିଲ୍ଲୀର ନିକଟରେ ଅବସ୍ଥିତ । ଗଙ୍ଗାନଦୀର ପାରମ୍ପରିକ ଉତ୍ପତ୍ତି ସ୍ଥଳ ଗୋମୁଖ ବରଫ ଗୁମ୍ଫାର ନିକଟବର୍ତ୍ତୀ ଅଞ୍ଚଳକୁ ପୃଥିବୀର ସର୍ବୋତ୍ତମ ପର୍ବତାରୋହଣ ବୋଲି ବିବେଚନା କରାଯାଏ । ଏହି ସ୍ଥାନ ବହୁତ ଗୁଡ଼ିଏ ହିମବାହ, ପାର୍ବତୀୟ ହ୍ରଦ ଏବଂ ଗିରିଶୃଙ୍ଗ ଗୁଡ଼ିକର ସମାହାର ଅଟେ । ପୂର୍ବାଞ୍ଚଳ ଓ ସିକିମ୍ ହିମାଳୟର ପାର୍ବତ୍ୟାଞ୍ଚଳରେ ସେଠାର ସ୍ଥାନୀୟ ଅଧିବାସୀମାନଙ୍କର ପାରମ୍ପରିକ ପଗଡ଼ି ଓ ପୂଜା ଅର୍ଚ୍ଚନା ପାଇଁ ବ୍ୟବହୃତ ପବିତ୍ର ଧ୍ୱଜା ଦେଖିବାର ସୁଯୋଗ ପର୍ଯ୍ୟଟକମାନେ ପାଇଥାନ୍ତି । ଉତ୍ତର ସିକିମ୍‌ର ପାଞ୍ଚଟି ସ୍ଥାନରେ ବହୁତ ଗୁଡ଼ିଏ ଉଚ୍ଚ ଗିରିଶୃଙ୍ଗ ରହିଛି । ଏମାନଙ୍କ ମଧ୍ୟରେ ୮୦୦୦ମି.ରୁ ଅଧିକ ଉଚ୍ଚତା ବିଶିଷ୍ଟ କାଞ୍ଚନଜଙ୍ଘା ଅନ୍ୟତମ । ତିବ୍ବତର ସଂବେଦନଶୀଳ ସୀମାନ୍ତ ପାଇଁ କେବଳ ଦୁଇଟି ଗିରିଶୃଙ୍ଗକୁ ଆରୋହଣ ପାଇଁ ଅନୁମତି ମିଳିଛି । ସମୁଦ୍ର ପତ୍ତନରୁ ୩୭୦୦ମି. ଉଚ୍ଚତାରେ ଥିବା ବରଫ ଆଚ୍ଛାଦିତ ଭୂମି ଉପରେ ଭ୍ରମଣ କରି ତାର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା କୌଣସି ଗୁଣରେ କମ୍ ଆକର୍ଷଣୀୟ ନୁହେଁ । ହିମବାହ, ବରଫଗୁମ୍ଫା ଏବଂ ବରଫ ହ୍ରଦଗୁଡ଼ିକ, ଯେଉଁଠାରୁ ଆମର ଚୀରସ୍ରୋତା ନଦୀମାନଙ୍କର ଉତ୍ପତ୍ତି ହୋଇଛି । ସେଗୁଡ଼ିକର ପ୍ରାକୃତିକ ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ ଅଟେ ।

ମନାଲୀ, ଦାର୍ଜିଲିଙ୍ଗ୍ ଏବଂ ଉତ୍ତର କାଶୀରେ ଅବସ୍ଥିତ 'ଭାରତୀୟ ପର୍ବତାରୋହଣ ଅନୁଷ୍ଠାନ' ଏବଂ ଦିଲ୍ଲୀରେ ଥିବା 'ଭାରତୀୟ ପର୍ବତାରୋହଣ ପ୍ରତିଷ୍ଠାନ' ଭାରତରେ ପର୍ବତାରୋହଣ ଅଭିଯାନର ଆୟୋଜନ ଓ ପଥ



ଟିପ୍ପଣୀ

ପ୍ରଦର୍ଶନ କରିବାରେ ସାହାଯ୍ୟ କରୁଛି । ସେମାନେ ପର୍ବତାରୋହୀମାନଙ୍କୁ ରେଡ଼ିଓ ମାଧ୍ୟମରେ ପାଗ ସମ୍ବନ୍ଧୀୟ ବିଶେଷ ଖବର ଏବଂ କେତେକ ବିଶେଷ ତଥ୍ୟ ଜଣାଇବାର ବ୍ୟବସ୍ଥା କରନ୍ତି । ଜରୁରୀ ପରିସ୍ଥିତିରେ ଉଦ୍ଧାର କାର୍ଯ୍ୟପାଇଁ ଭାରତୀୟ ବାୟୁସେନା ସହ ମଧ୍ୟ ଯୋଗାଯୋଗ କରନ୍ତି, ଗିରିଶୃଙ୍ଗ ଗୁଡ଼ିକର ଉପରି ଭାଗର ବାତାବରଣର ସୁରକ୍ଷା ନିମନ୍ତେ ବହୁ ସଂଖ୍ୟାରେ ଓ ବାରମ୍ବାର ହେଉଥିବା ପର୍ବତାରୋହଣ ଅଭିଯାନକୁ ନିୟନ୍ତ୍ରଣ କରିବାର ଆବଶ୍ୟକତା ରହିଛି । ଆଗାମୀ ଦିନମାନଙ୍କର ଅଭିଯାନ ପଥରେ ବିକ୍ଷିପ୍ତ ହୋଇ ପଡ଼ି ରହିଥିବା ଆବର୍ଜନା ଗୁଡ଼ିକର ପରିଷ୍କାର ନିତାନ୍ତ ଆବଶ୍ୟକ । ବାହ୍ୟ ହିମାଳୟର ପାଦଦେଶରେ, ସହ୍ୟାଦ୍ରୀ ଏବଂ ମଧ୍ୟ ଭାରତୀୟ ପାର୍ବତ୍ୟାଞ୍ଚଳ ଗୁଡ଼ିକରେ ପର୍ବତ ଆରୋହଣ ପାଇଁ ମଧ୍ୟ ବ୍ୟାପକ ସୁବିଧା ସୁଯୋଗ ରହିଅଛି ।

### (iii) ଶୀତକାଳୀନ କ୍ରୀଡ଼ା ପର୍ଯ୍ୟଟନ ସ୍ଥଳ :

ହିମାଳୟର ବରଫ ଆଚ୍ଛାଦିତ ଗଡ଼ାଣିଆ ଭୂମିରେ ହିମତରଣ (Sking) ଏକ ଲୋକପ୍ରିୟ ଶୀତକାଳୀନ ବରଫ କ୍ରୀଡ଼ା ଅଟେ । ଭାରତର ହିମାଳୟ ଅଞ୍ଚଳରେ ବର୍ଷସାରା ବରଫାଛଦିତ ଭୂମି ଉପଲବ୍ଧ ହୁଏ । ସ୍କିଇଁଙ୍ଗ ପ୍ରତି ଆକର୍ଷଣ, ବିଦେଶୀମାନଙ୍କୁ ଆଶ୍ୱସ୍ତ କରାଇ ଦିଏଯେ ଭାରତରେ ମନ୍ଦିର, ସ୍ମାରକୀ, ମେଳା ଏବଂ ରଙ୍ଗବେରଙ୍ଗର ଉତ୍ସବ ବ୍ୟତୀତ ଅନ୍ୟ କିଛି ଉପଭୋଗ୍ୟ ଜିନିଷ ରହିଛି । ୨୭୩୦ମି. ଉଚ୍ଚରେ ଥିବା ଗୁଲମାର୍ଗ କେବଳ ଗୋଟିଏ ପାହାଡ଼ୀ ପର୍ଯ୍ୟଟକ ସ୍ଥଳ ନୁହେଁ ବରଂ ଭାରତର ସବୁଠାରୁ ଉଚ୍ଚରେ ଥିବା ହିମତରଣ କ୍ଷେତ୍ର ଅଟେ । ଭାରତର ଏହି ଦୀର୍ଘତମ ଓ ଉନ୍ନତ ଉପକରଣ ଯୁକ୍ତ ପର୍ଯ୍ୟଟନ ସ୍ଥଳରେ ସ୍କିଇଁଙ୍ଗ ଖୁବ୍ ଉନ୍ନତି କରିଛି । ଡିସେମ୍ବରରୁ ଏପ୍ରିଲ୍ ମଧ୍ୟରେ ଏଠାରେ ବରଫ ବହୁତ ପରିମାଣରେ ଜମିଯାଏ ଏବଂ ହିମତରଣ ପାଇଁ ଏଠାରେ ସ୍କିଲିଫ୍ଟ, ଚେୟାର୍ କାର ଓ ରୁଜ୍‌ପଥର ସୁବିଧା ଉପଲବ୍ଧ ହୁଏ । ଏଠାରେ ଥିବା ପ୍ରଶିକ୍ଷଣ କେନ୍ଦ୍ରରେ ହିମତରଣ ଓ ପର୍ବତାରୋହଣ ପାଇଁ ୧୦ରୁ ୨୧ଦିନ ପର୍ଯ୍ୟନ୍ତ ପ୍ରଶିକ୍ଷକ ତାଲିମ ଦେଇଥାନ୍ତି । ସ୍କିଇଁଙ୍ଗ ପର୍ବତାରୋହଣ ରାସ୍ତା ଖ୍ଳନ ମାର୍ଗର ଆଲପାଇନ ତୃଣଭୂମି ପର୍ଯ୍ୟନ୍ତ ବିସ୍ତୃତ । ଏହା ଗୁଲମାର୍ଗ ଠାରୁ ୫କି.ମି. ଦୂରରେ ଓ ୩୦୪୫ମି. ଉଚ୍ଚରେ ଅବସ୍ଥିତ । ୪୧୩୫ମି. ଉଚ୍ଚ ଅଫରୱ୍ଠ ଶୃଙ୍ଗର ପାଦଦେଶ ଠାରୁ ୮କି.ମି ଦୂରରେ ଆଲପାଥର ହ୍ରଦ ଅବସ୍ଥିତ । ହେଲି ସ୍କିଇଁଙ୍ଗ୍‌ର ଉନ୍ନତି ପାଇଁ ଏହାର ଢ଼ାଲୁ ଅଞ୍ଚଳକୁ ଅନୁଧ୍ୟାନ କରାଯାଏ । ଏସିଆ ମହାଦେଶର ପ୍ରଥମ ଦେଶ ହିସାବରେ ୧୯୮୮ ମସିହା ଜାନୁୟାରୀ ମାସରେ ଭାରତରେ ଏଠାରେ ପ୍ରଥମେ ଏହି କ୍ରୀଡ଼ା ଆରମ୍ଭ ହୋଇଥିଲା । ସ୍କିଇଁଙ୍ଗ ଖେଳାଳୀମାନଙ୍କୁ ପାହାଡ଼ର ଶିଖରରେ ହେଲିକେପ୍ଟର ଦ୍ୱାରା ଛାଡ଼ି ଦିଆଯାଇଥିଲା, ଯେଉଁଠାରୁ ସେମାନେ ସ୍କିଇଁଙ୍ଗ ଦ୍ୱାରା ତଳକୁ ଓହ୍ଲାଇ ପାରିବେ । ଏହାଦ୍ୱାରା ପର୍ବତ ଚଢ଼ିବା କଷ୍ଟରୁ ସେମାନେ ରକ୍ଷା ପାଇପାରିବେ । ଏହି କ୍ରୀଡ଼ାକୁ ଫ୍ରାନ୍ସରେ ନିଷିଦ୍ଧ କରାଯାଇଛି । କାରଣ ହେଲିକେପ୍ଟର ଶବ୍ଦ ଦ୍ୱାରା ପାର୍ବତୀୟ ଜୀବଜନ୍ତୁମାନେ ବ୍ୟତିବ୍ୟସ୍ତ ହୋଇପଡ଼ନ୍ତି । କାନାଡ଼ାରେ ସ୍କିଇଁଙ୍ଗ କରୁଥିବା ପର୍ଯ୍ୟଟକମାନେ ବେଳେବେଳେ ଖରାପ ପାଗଲାଗି ଅଧବାଟରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଏହା ଜନବସତି ଠାରୁ ବହୁ ଦୂରରେ ଅବସ୍ଥିତ ।

କାଶ୍ମୀରର ବିସ୍ତୃତ ଅଞ୍ଚଳ ଓ ପ୍ରଶସ୍ତ ଉପତ୍ୟକା ଲାଗି ଏହି ସମସ୍ୟା ସେଠାରେ ଦେଖାଯାଏ ନାହିଁ । ସ୍କିଇଁଙ୍ଗ ଦ୍ୱାରା ପ୍ରତିବର୍ଷ ସାଧାରଣତଃ ଅଧ ନିୟୁତ ଡଲାରରୁ ଅଧିକ ଆୟ ହୋଇଥାଏ । ହେଲି ସ୍କିଇଁଙ୍ଗ ବହୁତ ବ୍ୟୟବହୁଳ କ୍ରୀଡ଼ା ହୋଇଥିବାରୁ କେବଳ ୟୁରୋପ ଏବଂ ଉତ୍ତର ଆମେରିକାର ଧନାଢ୍ୟ ପର୍ଯ୍ୟଟକମାନେ ଏଥିରେ ଅଂଶ ଗ୍ରହଣ କରନ୍ତି ।

ହିମାଚଳ ପ୍ରଦେଶର ନାରକଂଡ଼ା ହିମ ତରଣ ପାଇଁ ପ୍ରସିଦ୍ଧ ଅଟେ । ଏହା ୨୭୦୦ମି. ଉଚ୍ଚରେ ଦେବଦାରୁ ଅରଣ୍ୟ ମଧ୍ୟରେ ଅବସ୍ଥିତ । ଏହା ହିନ୍ଦୁସ୍ଥାନ ତିବ୍ବତ ଜାତୀୟ ରାଜପଥରେ ସିମିଳା ଠାରୁ ୬୪କି.ମି. ଦୂରରେ ଅଟେ । ଏହାର ଗଡ଼ାଣିଆ ଅଞ୍ଚଳରେ ହାଥୁ ଶୃଙ୍ଗ ଠାରୁ କୋଟ୍‌ଗଡ଼ର ପ୍ରସିଦ୍ଧ ସେଓ ବଗିଚା ଷ୍ଟୋକ୍‌ସ ପର୍ଯ୍ୟନ୍ତ ଜାନୁୟାରୀ ରୁ ଏପ୍ରିଲ୍ ମଧ୍ୟରେ ୬ଫୁଟରୁ ୧୦ ଫୁଟ ଯାଏଁ ବରଫ ଜମିଯାଏ । ନାରକଂଡ଼ା ଓ ସିମିଳା ନିକଟରେ ଥିବା ଅନ୍ୟ ଏକ ସ୍ଥାନ କୁଫ୍ରି ହିମତରଣ ପାଇଁ ଲୋକପ୍ରିୟ ଅଟେ । ମନାଲିର ଅତି ନିକଟରେ ଥିବା ସୋଲଙ୍ଗ ନାଳର ପାଖାପାଖି ଢ଼ାଲୁ ଅଞ୍ଚଳ ଗୁଡ଼ିକ ମଧ୍ୟ ସ୍କିଇଁଙ୍ଗ ପାଇଁ ଉପଯୁକ୍ତ ଅଟେ । ଶୀତଋତୁ ଓ ଗ୍ରୀଷ୍ମଋତୁର କିଛି ସମୟ ପାଇଁ ଏଠାର ଜଳବାୟୁ ସ୍କିଇଁଙ୍ଗ ପାଇଁ ଅନୁକୂଳ ଅଟେ । ଘରୱାଲ ହିମାଳୟର ବଦ୍ରୀନାଥ ଯିବା ରାସ୍ତାରେ ଜୋସି ମଠ ନିକଟରେ ଥିବା ଆର୍ଭଲି ସ୍କିଇଁଙ୍ଗ ପର୍ଯ୍ୟଟକ କେନ୍ଦ୍ର ଏହି କ୍ରୀଡ଼ା ପାଇଁ ବିକାଶ ଲାଭ କରିଛି । ଏଠାରୁ



ଟିପ୍ପଣୀ

ନନ୍ଦାଦେବୀ ଓ ତାର ନିକଟବର୍ତ୍ତୀ ଶୃଙ୍ଗ ଗୁଡ଼ିକର ଦୃଶ୍ୟ ବହୁତ ସୁନ୍ଦର ଦିଶେ । ଏସିଆର ଦୀର୍ଘତମ ଟ୍ରାମ ଗାଡ଼ି ଦ୍ୱାରା ୨୦୦୦ମି. ଉଚ୍ଚରେ ଥିବା ଯୋଶୀମଠ କୁ, ୩୯୦୦ମି. ଉଚ୍ଚରେ ଥିବା କୌରି ଗିରିପଥ ଉପର ଗଢ଼ାଣିଆ ଅଞ୍ଚଳକୁ ସଂଯୁକ୍ତ କରୁଛି । ଅତ୍ୟଧିକ ଥଣ୍ଡା ସକାଳରେ ଗରମ ପାଣିର ଅଭାବ, ଅନୁପଯୁକ୍ତ ତାପମାତ୍ରା ଓ ଚିକିତ୍ସା ସୁବିଧା ଏବଂ ନିମ୍ନମାନଙ୍କର ସ୍କି ଜୋତା ପରି ଉପକରଣ, ଆଭଲିର ସ୍କିଇଙ୍ଗ ପର୍ଯ୍ୟଟନରେ ବାଧା ସୃଷ୍ଟି କରୁଛି ।

ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ, ଗଲ୍ଫ ପର୍ଯ୍ୟଟନର ଉନ୍ନତି ପାଇଁ ନୈନୀତାଲର ରାଜଭବନ ପରିସରରେ, ସିମଳା ନିକଟରେ ନଲ୍‌ଦରା ଏବଂ ଗୁଲମାର୍ଗ ଠାରେ (ପୃଥିବୀର ଉଚ୍ଚତମ) ଉତ୍ତମ ଗଲ୍ଫ କ୍ଷେତ୍ରମାନ ରହିଅଛି । ସିମଳା ସହର ଓ ଗୁଲମାର୍ଗ ନିକଟରେ ସ୍କେଟିଙ୍ଗ୍ ପାଇଁ ବରଫକୁ ଜମା କରି କ୍ଷେତ୍ର ପ୍ରସ୍ତୁତ କରାଯାଉଛି । ଆଗାମୀ ବର୍ଷ ମାନଙ୍କରେ ସର୍ଫିଙ୍ଗ କ୍ରୀଡ଼ାର ଉନ୍ନତି ପାଇଁ ଦୃଷ୍ଟି ଦିଆଯାଉଛି ।

### (iv) ହ୍ୟାଙ୍ଗ ଗ୍ଲାଇଡ଼ିଙ୍ଗ ଏବଂ ପାରା ଗ୍ଲାଇଡ଼ିଙ୍ଗ (Hand Gliding and Para Gliding) :

ଏହି ଦୁଇ ପ୍ରକାର କ୍ରୀଡ଼ା ଉଚ୍ଚ ଆକାଶରେ ଚିଲପକ୍ଷୀ ପରି ଉଡ଼ିବାର ରୋମାଞ୍ଚ ପର୍ଯ୍ୟଟକ ମନରେ ସୃଷ୍ଟି କରେ । ପାରାଗ୍ଲାଇଡ଼ିଙ୍ଗରେ ବାୟୁ ସଂରେଣ ଡ଼େଣା ଗୁଡ଼ିକ ହ୍ୟାଙ୍ଗ ଗ୍ଲାଇଡ଼ିଙ୍ଗରେ ବ୍ୟବହୃତ ଡ଼େଣା ଗୁଡ଼ିକ ଠାରୁ ଦଶ ଗୁଣ ହାଲୁକା ଅଟେ । ଦୁଃସାହାସିକ ପ୍ରେମି ପର୍ଯ୍ୟଟକ ମାନଙ୍କ ମଧ୍ୟରେ ପାରା ଗ୍ଲାଇଡ଼ିଙ୍ଗ ବେଶ୍ ଲୋକପ୍ରିୟ, ହ୍ୟାଙ୍ଗ୍ ଗ୍ଲାଇଡ଼ିଙ୍ଗ କେବଳ ପ୍ରତିଯୋଗୀତା ପୂର୍ଣ୍ଣ ଖେଳରେ ସିମୀତ । ଏହି କ୍ରୀଡ଼ା କ୍ଷେତ୍ର ଗୁଡ଼ିକ ବିଳାସପୁରର ନିମ୍ନ ଏବଂ ମଧ୍ୟ ଉପତ୍ୟକା, ହିମାଚଳ ପ୍ରଦେଶର ମନାଲି ଏବଂ ବିର (କାଙ୍ଗ୍ରା) ଏବଂ ତାମିଲନାଡୁର ଉଦଗମଣ୍ଡଳମ୍‌ରେ ଅବସ୍ଥିତ । ଉତ୍ତମ ପ୍ରଶିକ୍ଷକଙ୍କ ଅଭାବ ଏବଂ ବ୍ୟୟବହୁଳ ଉପକରଣ ଗୁଡ଼ିକ ଏହି କ୍ରୀଡ଼ାର ବିକାଶରେ ବାଧା ସୃଷ୍ଟି କରୁଛି ।

### (v) ଜଳକ୍ରୀଡ଼ା ପର୍ଯ୍ୟଟନ :

ଜଳକ୍ରୀଡ଼ା ନିମନ୍ତେ, ନଦୀ ନୌଚାଳନାର ବିକାଶ ପାଇଁ ଭାରତରେ ପର୍ଯ୍ୟାପ୍ତ ସୁଯୋଗ ରହିଛି କିନ୍ତୁ ଆଜି ପର୍ଯ୍ୟନ୍ତ ଏହା ଋଷିକେଶ ନିକଟସ୍ଥ ଗଙ୍ଗା, ମନାଲି ନିକଟରେ ବ୍ୟାସ ଏବଂ ଲାଦଖରେ ସିନ୍ଧୁ ନଦୀରେ କିଛି ଅଂଶରେ ସିମୀତ ରହିଛି । କିନ୍ତୁ ସିକିମର ତିସ୍ତା ନଦୀରେ, ଆସାମର ବ୍ରହ୍ମପୁତ୍ର ଲାହୁଲ (ହି.ପ୍ର.)ରେ ଚନ୍ଦ୍ରା ଏବଂ ଅରୁଣାଞ୍ଚଳ ପ୍ରଦେଶର ଭରାଲି ନଦୀରେ ନୌଚାଳନା ପାଇଁ ଅପୂର୍ବ ସୁବିଧା ସୁଯୋଗ ରହିଅଛି । ଏହି କ୍ରୀଡ଼ା ପାଇଁ ମହଙ୍ଗା ଉପକରଣ ବଦଳରେ ସ୍ୱଦେଶୀ ଉପକରଣର ଉପଯୋଗ ଏବଂ ଉତ୍ତମ ପ୍ରଶିକ୍ଷକ ଓ ନଦୀ ପଥ ପ୍ରଦର୍ଶକ ମାନଙ୍କର ଆବଶ୍ୟକତା ରହିଛି । ଭାରତରେ ଅନେକ ଗୁଡ଼ିଏ ପ୍ରାକୃତିକ ଏବଂ କୃତ୍ରିମ ହ୍ରଦ ଦେଖାଯାଏ । ଏଗୁଡ଼ିକରେ ପାଲନୌଚାଳନା, ବନଶୀକଣ୍ଟା ସାହାଯ୍ୟରେ ପାହାଡ଼ିଆ ଶୀତଳ ଝରଣା ଜଳର ମଧୁର ମାଛ ଧରିବା ଏବଂ ପବନ ସର୍ଫିଙ୍ଗ ପରି ଜଳକ୍ରୀଡ଼ା ଗୁଡ଼ିକର ସୁବିଧା ରହିଅଛି । ହ୍ରଦଗୁଡ଼ିକ ବ୍ୟତୀତ ଭାରତର ସୁଦୀର୍ଘ ଉପକୂଳ ରେଖା ରହିଛି । ଏହା ଉତ୍ତଳ ତରଙ୍ଗ ବିଶିଷ୍ଟ ଗୋଆ ଉପକୂଳ ଠାରୁ ଦୁଇଟି ପ୍ରବାଳ ଦ୍ୱୀପପୁଞ୍ଜର ଶାନ୍ତ ସମୁଦ୍ର ପର୍ଯ୍ୟନ୍ତ ବିସ୍ତୃତ । ବର୍ତ୍ତମାନ ପର୍ଯ୍ୟନ୍ତ ସବୁଠାରୁ ଭଲ ଜଳକ୍ରୀଡ଼ା ପାଇଁ ପ୍ରସ୍ତୁତି ଦୁଇଟି ହ୍ରଦରେ ସମ୍ଭବ ହୋଇପାରିଛି । ସେଗୁଡ଼ିକ ହେଲା ହିମାଚଳ ପ୍ରଦେଶର ପୋଙ୍ଗ ଡ୍ୟାମ ଏବଂ ସିଲଂଙ୍ଗର ଉମେମ, ଗୋଆର ମାଣ୍ଡଭି ନଦୀ କୂଳରେ ଥିବା ପାନାଜିରେ ପ୍ରଥମ ଜଳକ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଥିଲା, ଯାହା ପ୍ରମାଣ କରି ଦେଇଥିଲା ଗୋଆ ବେଳାଭୂମିରେ ଆମୋଦ ପ୍ରମୋଦ, ସୂର୍ଯ୍ୟସ୍ନାନ ଏବଂ ପହଁରିବା ଛଡ଼ା ଆହୁରି ଅଧିକ କିଛି ଉପଭୋଗ କରିହୁଏ । ଗୋଆର ଉପକୂଳରେ ଜାଲ ପରି ବିଛେଇ ହୋଇ ରହିଥିବା ନଦୀ ଓ କେନାଲ ଗୁଡ଼ିକରେ ଜଳକ୍ରୀଡ଼ାର ବିକାଶ ସମ୍ଭବ ଅଟେ । ଯଦି ଉତ୍ତମ ପ୍ରଶିକ୍ଷକ ଓ ଶସ୍ତା ଉପକରଣ ଯୋଗାଇ ଦିଆଯାଏ, ତେବେ ଅଧିକ ସ୍ୱଦେଶୀ ପର୍ଯ୍ୟଟକ ଆକୃଷ୍ଟ ହେବେ ।

ପ୍ରବାଳ ଦ୍ୱୀପ ଲାକ୍ଷାଦ୍ୱୀପ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ସ୍ୱଚ୍ଛ ଜଳରାଶି ଅତ୍ୟନ୍ତ ଦୁଃସାହାସିକ ପର୍ଯ୍ୟଟକମାନଙ୍କର ବୁଡ଼ନ କ୍ରୀଡ଼ା ( ପାଣି ଭିତରକୁ ଡ଼େଇଁବା କ୍ରୀଡ଼ା) ର ବିକାଶ ପାଇଁ ଅନୁକୂଳ ସ୍ଥାନ ଅଟେ । ଏହି ଜଳକ୍ରୀଡ଼ାରେ ଜଣେ ବୁଡ଼ାଳୀ ଡ଼ଙ୍ଗା ଉପରୁ ୪୦ରୁ ୫୦ମି. ଗଭୀରତା ପର୍ଯ୍ୟନ୍ତ ସମୁଦ୍ର ଜଳ ମଧ୍ୟକୁ ଡ଼େଇଁବାକୁ ପଡ଼େ । ସେହିପରି ଶାନ୍ତିପୂର୍ଣ୍ଣ କ୍ରୀଡ଼ା ସ୍ନୋର୍କିଲିଙ୍ଗରେ ବୁଡ଼ାଳୀ ଫାଇବର କାଚର ଏକ ମୁଖା ପରିଧାନ

ଟିପ୍ପଣୀ

କରେ ଯାହାକି ପାଣି ଭିତରେ ଆଖି ଓ ନାକକୁ ସୁରକ୍ଷା ଦିଏ । ଏଥିରେ ଶ୍ୱାସକ୍ରିୟା ପାଇଁ ନଳି ଲାଗିଥାଏ । କମ୍ ଜଳରେ ଡ଼େଇଁବା ପାଇଁ ଏହି ଯନ୍ତ୍ର ଉପଯୋଗୀ ଅଟେ । ଏହାଦ୍ୱାରା ପାଣି ଭିତରେ ରହି ମଧ୍ୟ ଶ୍ୱାସକ୍ରିୟା କରିହୁଏ । ସ୍କୁବା ଏବଂ ସ୍ନୋର୍କଏଲ ଦୁଇଟି ଶ୍ୱାସକ୍ରିୟା ଏବଂ ସୁରକ୍ଷା ଯନ୍ତ୍ରର ନାମ ଅଟେ । ଏହାକୁ ବୁଡ଼ାଳୀ କାନ୍ଧରେ ବାନ୍ଧି ପାଣି ଭିତରେ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନ ପର୍ଯ୍ୟନ୍ତ ବୁଡ଼ିକରି ଯାଇପାରେ । ଏହି ଯନ୍ତ୍ରରେ ଶ୍ୱାସକ୍ରିୟା ପାଇଁ ଅମ୍ଳଜାନ ସିଲିଣ୍ଡର ରହିଥାଏ । ଜଣେ ବୁଡ଼ାଳୀ ଭାରହୀନ ଭାବରେ ମାଛମାନେ ରହୁଥିବା ଅଗଭୀର ସମୁଦ୍ରରେ ବୁଲୁଥିବା ସମୟରେ ତା ମନରେ ରୋମାଞ୍ଚ ସୃଷ୍ଟି ହୁଏ ।

### (vi) ଗୁମ୍ଫା ପର୍ଯ୍ୟଟନ (Cave Tourism) :

ଯଦିଓ ଭାରତରେ ବହୁ ସଂଖ୍ୟକ ଗୁମ୍ଫା ଏବଂ ପଥର କଟା ମନ୍ଦିର ମାନ ଅଛି, ତଥାପି ଗୁମ୍ଫା ପର୍ଯ୍ୟଟନର ବିକାଶ ପାଇଁ ସେଗୁଡ଼ିକ କଥା ଚିନ୍ତା କରାଯାଇନାହିଁ । ଔରଙ୍ଗାବାଦ ନିକଟରେ ପାଖାପାଖି ୩୦ଟି ଗୁମ୍ଫା ରହିଅଛି । ଏମାନଙ୍କ ମଧ୍ୟରେ ଅଜନ୍ତା ସବୁଠାରୁ ଲୋକପ୍ରିୟ ଅଟେ । ଚିତ୍ରକୂଟରେ ମଧ୍ୟ ଦୁଇଟି ଗୁମ୍ଫା ରହିଅଛି, ଯାହାର ପାଦଦେଶରେ ଝରଣାର ଜଳ ବୋହି ଯାଉଛି । ଏହି ବିଷୟରେ ଏକ କାହାଣୀ ଅଛି କି ରାମ ଏବଂ ଲକ୍ଷ୍ମଣ ଏହି ଗୁମ୍ଫାର ପଥର ଚଟାଣ ଉପରେ ବସି ନିଜର ଦରବାର କରୁଥିଲେ । ମଧ୍ୟ ଭାରତରେ ପଂଚମଡୀ ଏବଂ ଭୋପାଳ ନିକଟରେ ଥିବା ଭୀମ୍‌ବେଟକାର ଆଖପାଖରେ ପ୍ରାୟ ୫୦୦ଗୁମ୍ଫା ରହିଅଛି । ଏହି ଗୁମ୍ଫାଗୁଡ଼ିକୁ ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ ପାହାଡ଼ିଆ ଅଞ୍ଚଳରେ ଅବସ୍ଥିତ । ଏହି ଗୁଡ଼ିକ ସାତଟି ବିଭିନ୍ନ ଯୁଗର ପ୍ରାଗ୍ ଐତିହାସିକ ମାନବ ମାନଙ୍କର ଆଶ୍ରୟସ୍ଥଳ ଥିଲା । ଏମାନଙ୍କ ମଧ୍ୟରୁ କେତେକ ଗୁମ୍ଫାରେ ଆଦିମାନବ ଦ୍ୱାରା ନିର୍ମିତ କେତେକ ଶିଳାଚିତ୍ର ଦେଖିବାକୁ ମିଳେ । ଭୁବନେଶ୍ୱର ନିକଟବର୍ତ୍ତୀ ଦୁଇ ଜାଆଁଳା ପାହାଡ଼ ଖଣ୍ଡଗିରି ଓ ଉଦୟଗିରି ଜୈନ ମୂର୍ତ୍ତୀ ଓ ପଥରର କାରୁକାର୍ଯ୍ୟ ପାଇଁ ପ୍ରସିଦ୍ଧ ।

ମେଘାଳୟର ଚେରାପୁଞ୍ଜି ନିକଟରେ ଥିବା ଗାରୋ ପର୍ବତରେ ବହୁତ ଗୁଡ଼ିଏ ସୁନ୍ଦର ଚୂନପଥର ଗୁମ୍ଫା ଦେଖିବାକୁ ମିଳେ । ଏଥିରେ ଉନ୍ନତମାନର ଷ୍ଟେଲେକମାଇଟ୍ ଓ ଷ୍ଟେଲେକଟାଇଟ୍ ସୃଷ୍ଟି ହୋଇଛି । ଏବେ ନିକଟରେ ଏହି ରାଜ୍ୟରେ ୧୯.୨କି.ମି ବିଶିଷ୍ଟ, ଏସିଆ ମହାଦେଶର ଦୀର୍ଘତମ ଗୁମ୍ଫାର ଆବିଷ୍କାର ହୋଇଅଛି । ଏହାଛଡ଼ା ଜୟନ୍ତିଆ ପର୍ବତରେ ୨୦୦ରୁ ଅଧିକ ଗୁମ୍ଫା ଦେଖିବାକୁ ମିଳେ । କିଛି ବର୍ଷ ପୂର୍ବେ ଗୁମ୍ଫା ପର୍ଯ୍ୟଟନର ବିକାଶ ଏକ ଅଜଣା କଳ୍ପନା ଥିଲା କିନ୍ତୁ ବର୍ତ୍ତମାନ ଏହି ରାଜ୍ୟ ସରକାର ନିଜର ଗୁମ୍ଫା ଗୁଡ଼ିକ ବିଷୟରେ ଏକ ପୁସ୍ତିକା ପ୍ରକାଶନ କରିଛନ୍ତି ଏବଂ ଭ୍ରମଣ ପାଇଁ ଏକ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ ପ୍ରସ୍ତୁତ କରିଛନ୍ତି ।

### (vii) ବନ ପର୍ଯ୍ୟଟନ (Forest Tourism) :

ଭାରତରେ ଯେତେ ପ୍ରକାର ବୃକ୍ଷଲତା ଓ ଜୀବଜନ୍ତୁ ରହିଛନ୍ତି ତାର ଅଧା ମଧ୍ୟ ସମଗ୍ର ଆଫ୍ରିକା ମହାଦେଶରେ ଦେଖିବାକୁ ମିଳେ ନାହିଁ । ନିଜର ବିଶ୍ୱବିଖ୍ୟାତ ସାଂସ୍କୃତିକ ଐତିହ୍ୟ ବ୍ୟତୀତ ଭାରତ ଉନ୍ନତମାନର ଜୈବ ବିବିଧତା ପାଇଁ ମଧ୍ୟ ପରିଚିତ । ବନ ପର୍ଯ୍ୟଟନର ବିକାଶ ଜାତୀୟ ଉଦ୍ୟାନ, ଅଭୟାରଣ୍ୟ ଏବଂ ସମସ୍ତ ପ୍ରକାର ଆଦ୍ରଭୂମି ଗୁଡ଼ିକରେ ସମ୍ଭବ ହୋଇପାରିଛି । ବନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ସବୁପ୍ରକାର ଜଙ୍ଗଲୀ ବୃକ୍ଷଲତା ଏବଂ ଜୀବଜନ୍ତୁ ଅନ୍ତର୍ଭୁକ୍ତ ଅଟନ୍ତି । ଏମାନେ ବିନା ମାନବ ହସ୍ତକ୍ଷେପରେ ଅଣ କୃଷିଭୂମିରେ ଦେଖାଯାନ୍ତି । ବୃକ୍ଷଲତା, ପ୍ରଧାନ ସ୍ତନ୍ୟପାୟୀ ପ୍ରାଣୀ ତଥା କୀଟ ପତଙ୍ଗମାନେ ଏହାର ପ୍ରମୁଖ ଅଂଶ ଅଟନ୍ତି । ବନ୍ୟ ଜୀବମାନଙ୍କୁ ଭଲ ପାଉଥିବା ପର୍ଯ୍ୟଟନ ମାନଙ୍କ ପାଇଁ ସବୁଠାରୁ ଅଧିକ ଲୋକପ୍ରିୟ ବନ ପର୍ଯ୍ୟଟକ କ୍ଷେତ୍ର ବିଷୟରେ ନିମ୍ନରେ ଆଲୋଚନା କରାଯାଇଛି ।

କାଶ୍ମୀର ଉପତ୍ୟକାରେ ଦାଚିଗ୍ରାମ ଅଭୟାରଣ୍ୟ ହଁଗୁଲ ନାମକ କସ୍ତୁରୀ ମୃଗର ଆଶ୍ରୟ ସ୍ଥଳ ଅଟେ । ନୈନୀତାଲ ପାର୍ବତ୍ୟ ଅଞ୍ଚଳର କର୍ବେଟ ଜାତୀୟ ଉଦ୍ୟାନ ପ୍ରସିଦ୍ଧ ବନ୍ୟଜୀବ ସଂରକ୍ଷକ ଜିମ କର୍ବେଟଙ୍କ ନାମ ଅନୁସାରେ ନାମିତ । ଏହା ଭାରତର ସର୍ବ ପ୍ରଥମ ଜାତୀୟ ପାର୍କ ଅଟେ । ଏହା ଜଙ୍ଗଲୀ ହାତୀ ଓ ବାଘମାନଙ୍କର ପ୍ରାକୃତିକ ଆବାସସ୍ଥଳୀ ଅଟେ । ଆଗରେ ଏହା ନେପାଳର ସୀମା ପର୍ଯ୍ୟନ୍ତ ବିସ୍ତୃତ । ମଧ୍ୟପ୍ରଦେଶର ବିନ୍ଧ୍ୟ ଓ ସାତପୁରା ପର୍ବତର ମଧ୍ୟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ 'କାହ୍ନା ଜାତୀୟ ପାର୍କରେ', ବାଘ, ତେନ୍ଦୁଆ ଏବଂ ଚିତଲ (ଚିତ୍ରିତ ହରିଣ) ନିର୍ଭୟରେ ବିଚରଣ କରନ୍ତି । ଏହାର ନିକଟରେ ଥିବା ବାଧବଗଡ଼ ବିଶେଷକରି ବାଘ ପାଇଁ ପ୍ରସିଦ୍ଧ ଅଟେ । ରାଜସ୍ଥାନର ଭରତପୁର ନିକଟରେ ଥିବା ଘାନା ପକ୍ଷୀ ବିହାର, ମଧ୍ୟ ଓ ଉତ୍ତର ଏସିଆରୁ ଆସୁଥିବା

ଭ୍ରମଣକାରୀ ପକ୍ଷୀମାନଙ୍କ ଲାଗି ପ୍ରସିଦ୍ଧ ଅଟେ । ବିଭିନ୍ନ ପ୍ରକାରର ଜଳପକ୍ଷୀ ମଧ୍ୟ ଏଠାରେ ସ୍ଥାୟୀଭାବରେ ବସବାସ କରନ୍ତି । ମହାରାଷ୍ଟ୍ରର ବିଦର୍ଭ ଅଞ୍ଚଳରେ ଥିବା ମେଲଘାଟ ବାଘ ଓ ତେନ୍ଦୁଆ ମାନଙ୍କୁ ନିର୍ଜନ ଆବସସ୍ଥଳ ଯୋଗାଇଦିଏ । ସୌରାଷ୍ଟ୍ରର ଗିର୍ ଜଙ୍ଗଲ ଏସିଆର ସିଂହ ମାନଙ୍କ ପାଇଁ ଥିବା ଏକମାତ୍ର ଆଶ୍ରୟସ୍ଥଳ । କର୍ଣ୍ଣାଟକର ପଶ୍ଚିମଘାଟ ପର୍ବତମାଳାରେ ଥିବା ବାନ୍ଦୀପୁର ଜାତୀୟ ପାର୍କରେ ବହୁ ସଂଖ୍ୟକ ହାତୀ ଦେଖାଯାଆନ୍ତି । ରାଜସ୍ଥାନରେ ଲମ୍ବାବେକ ଥିବା ସାରସ୍ ପକ୍ଷୀ ଦେଖାଯାଏ । ଓଡ଼ିଶାର ଚିଲିକା ହ୍ରଦରେ ଅଧିକ ସଂଖ୍ୟାରେ ଜଳଚର ଜୀବ ଏବଂ ପକ୍ଷୀବାସ କରନ୍ତି । ଆସାମର କାଜିରଙ୍ଗା ଏକ ଶିଙ୍ଗ ଥିବା ଗଣ୍ଡା ଅଭୟାରଣ୍ୟ ପାଇଁ ପ୍ରସିଦ୍ଧ । ଭୁଟାନ ସୀମାରେ ଥିବା ଆସାମ ରାଜ୍ୟର ମାନସ ଜାତୀୟ ଉଦ୍ୟାନ ହାତୀ, ବାଘ ଓ ଗଣ୍ଡାମାନଙ୍କର ବାସସ୍ଥାନ ଅଟେ । ସୁଦୂର ଦକ୍ଷିଣ ଦିଗରେ କେରଳ ରାଜ୍ୟରେ ଥିବା ପେରିଆର ଜାତୀୟ ଉଦ୍ୟାନରେ ଜଙ୍ଗଲୀ ଘୁଷୁରୀ (ବରାହ), ହାତୀ ଏବଂ ଶବ୍ଦ କରୁଥିବା ହରିଣ ଦେଖାଯାନ୍ତି । ପ୍ରସ୍ତାବିତ ଖଜୁରାହୋବାଓରଛା ନିକଟରେ ଥିବା ଜାତୀୟ ଉଦ୍ୟାନରେ ୮୦୦ ଭାଲୁ ବସବାସ କରିବା ପାଇଁ ଯୋଜନା ଅଛି । ଭାରତରେ ଯଥେଷ୍ଟ ପରିମାଣରେ ପ୍ରାକୃତିକ ଆବାସସ୍ଥଳ ପଶୁପକ୍ଷୀମାନଙ୍କ ପାଇଁ ରହିଛି । ଏଗୁଡ଼ିକ ମଧ୍ୟରେ ଘଞ୍ଚ ଅରଣ୍ୟ ଥିବା ପାହାଡ଼ିଆ ଅଞ୍ଚଳ, ଅଗଭୀର ଜଳଭାଗ, ଗଭୀର ଗଣ୍ଡ, ସନ୍ତସନ୍ତିଆ ତୃଣଭୂମି ଏବଂ ଲୁଣ ଜଳପୂର୍ଣ୍ଣ ହ୍ରଦ ଅର୍ନ୍ତଭୁକ୍ତ । ଏହିସବୁ ବିବିଧ ବାସସ୍ଥଳ ଗୁଡ଼ିକୁ ମାନଚିତ୍ରରେ ଚିହ୍ନାଅ ।

ଜାତୀୟ ଉଦ୍ୟାନର ନୂଆ ନୂଆ ଅଞ୍ଚଳକୁ ପର୍ଯ୍ୟଟକମାନଙ୍କ ପାଇଁ ଖୋଲିବା ତଥା ପରିମିତ୍ର ପରିବହନ ବ୍ୟବସ୍ଥାର ଉପଯୋଗ ଦ୍ୱାରା ବନ୍ୟ ପର୍ଯ୍ୟଟନର ବିକାଶ ସମ୍ଭବ ହେବ । ପରିମିତ୍ର ପରିବହନ ଦ୍ୱାରା ପ୍ରଦୂଷଣ ହେବ ନାହିଁ କି ଏହା ଶବ୍ଦରେ ବନ୍ୟ ଜୀବମାନଙ୍କର ଶାନ୍ତି ଭଙ୍ଗ ହେବ ନାହିଁ ।

ଏହା ସଂଗେ ସଂଗେ ବନାଞ୍ଚଳଗୁଡ଼ିକୁ ପାଦ ଭ୍ରମଣକାରୀ, ପଦ ଯାତ୍ରୀ ଓ ପର୍ବତାରୋହୀ ମାନଙ୍କ ଠାରୁ ରକ୍ଷା କରିବା ଜରୁରୀ ଅଟେ । ପର୍ଯ୍ୟଟନର ବିକାଶ ପାଇଁ ହୋଇଥିବା ନୀତି ଅନୁଯାୟୀ ସ୍ଥାନୀୟ ଜନସାଧାରଣ ମାନଙ୍କ ମନରେ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ସଚେତନତା ଭାବ ସୃଷ୍ଟି କରାଯାଉଛି । ସେମାନଙ୍କୁ ସବୁବେଳେ ଅର୍ଥକାରୀ ଫସଲ ଚାଷକରି ପରିବେଶକୁ ନଷ୍ଟ ନକରିବା ପାଇଁ ବୁଝାଯାଉଛି । ପରିବେଶର ଉପଯୁକ୍ତ ସଂରକ୍ଷଣ ବିନା ବନ୍ୟ, ପ୍ରାଣୀମାନଙ୍କର ସଂରକ୍ଷଣ ଅସମ୍ଭବ ଅଟେ ।

- ପାଦ ଭ୍ରମଣ, ପର୍ବତାରୋହଣ, ପାହାଡ଼ ଚଢ଼ିବା, ନଦୀ ନୌଚାଳନା, ଜଳ ଏବଂ ବରଫ ସ୍କିଇଙ୍ଗ (ହିମ ତରଣ), ହ୍ୟାଙ୍ଗ ଗ୍ଲାଇଡ଼ିଙ୍ଗ, ଗଲଫ୍ ପର୍ଯ୍ୟଟନ, ଗୁମ୍ଫା ଓ ବନ୍ୟ ଜୀବମାନଙ୍କ ଆବାସ ସ୍ଥଳ ଭ୍ରମଣ ଗୁଡ଼ିକ ଦୁଃସାହସିକ କ୍ରୀଡ଼ାର ଅର୍ନ୍ତଭୁକ୍ତ । ଏହିସବୁ ଅଞ୍ଚଳ ଗୁଡ଼ିକ ପର୍ଯ୍ୟଟକ ମାନଙ୍କ ପାଇଁ ଗନ୍ତବ୍ୟ ସ୍ଥଳ ଅଟେ ।

## ପାଠଗତ ପ୍ରଶ୍ନ ୩୦.୬

୧. ନିମ୍ନଲିଖିତ ଜୀବମାନଙ୍କ ପାଇଁ ପ୍ରସିଦ୍ଧ ବନ୍ୟପ୍ରାଣୀ ଅଭୟାରଣ୍ୟର ନାମ ଏବଂ ସେମାନଙ୍କର ଅବସ୍ଥିତି ଲେଖ ।
ଏସିଆର ସିଂହ, ହଁଗୁଲ ବା କସ୍ତୁରୀ ମୃଗ, ଏକ ଶିଙ୍ଗ ଥିବା ଗଣ୍ଡା, ଜଳପକ୍ଷୀ, ଜଙ୍ଗଲୀ ଘୁଷୁରୀ (ବରାହ)

୨. ଭାରତର ତିନୋଟି 'ପର୍ବତାରୋହଣ ଅନୁଷ୍ଠାନ' ମାନଚିତ୍ରରେ ଦେଖାଅ ଓ ସେମାନଙ୍କର କାର୍ଯ୍ୟ ବର୍ଣ୍ଣନା କର ।

୩. ଫ୍ରାନ୍ସ ବ୍ୟତିତ କାଶ୍ମୀରର ଗୁଲମାର୍ଗରେ ହେଲିସ୍କିଇଙ୍ଗ୍ ପାଇଁ କଣ ଅଧିକ ସୁବିଧା ଉପଲବ୍ଧ ହୁଏ ?

## ତୁମେ କଣ ଶିଖିଲ :

ତୁମେ ଆଜିର ସଂଗଠିତ ପର୍ଯ୍ୟଟନର ଅର୍ଥ ପ୍ରାଚୀନ ସମୟର ପର୍ଯ୍ୟଟନ ସହ ଉଦାହରଣ ସହ ତୁଳନା ଦ୍ୱାରା ବୁଝିପାରିଛ । ବିଭିନ୍ନ ଆଧାରକୁ ଭିତ୍ତିକରି ପର୍ଯ୍ୟଟନକୁ ଭିନ୍ନ ଭିନ୍ନ ପ୍ରାଥମିକ ଭାଗରେ ବିଭକ୍ତ କରାଯାଇଛି । ମନୋରଂଜନ ବା ମନୋବିନୋଦନ କିମ୍ବା ଅବକାଶ ବିନୋଦନ, ଯେକୌଣସି ପ୍ରକାରର ଆଧୁନିକ ପର୍ଯ୍ୟଟନର ଅଂଶ ଅଟେ ।

ଟିପ୍ପଣୀ

ପର୍ଯ୍ୟଟନର ବିକାଶ ପାଇଁ ଭାରତରେ ଯଥେଷ୍ଟ ସମ୍ବଳର ରହିଛି । ପାଗ ଓ ଜଳବାୟୁର ବିଭିନ୍ନତା ସତ୍ତ୍ୱେ ଭାରତରେ ସମୃଦ୍ଧ ଜୈବ ବିବିଧତା ରହିଛି । ଯାହାକି ସୁରକ୍ଷିତ ଉଦ୍ଭିଦ, ବନ୍ୟପ୍ରାଣୀ ଓ ପକ୍ଷୀ ସବୁ ଅଟନ୍ତି । ଏମାନେ ଜନବସତି ଠାରୁ ନିରୋଳାରେ ରୁହନ୍ତି ।

ଏହାପରେ ପ୍ରାକୃତିକ ଭୂଦୃଶ୍ୟରେ ପାର୍ବତ୍ୟ ଅଞ୍ଚଳ ଅର୍ନ୍ତଭୁକ୍ତ ଅଟେ । ଯେଉଁଥିରେ ପର୍ବତ, ଗିରିଶୃଙ୍ଗ, ବରଫ ଢ଼ାଲୁ ଅଞ୍ଚଳ, ପାହାଡ଼, ଉଚ୍ଚ ଶୀଖର, ବିଭିନ୍ନ ଶିଳା ସଂରଚନା, ଗୁମ୍ଫା, ଜଳାଶୟ ଏବଂ ବିଭିନ୍ନ ପ୍ରକାରର ଆଦ୍ରଭୂମି ଅର୍ନ୍ତଭୁକ୍ତ ଅଟେ । ବେଳାଭୂମି ପର୍ଯ୍ୟଟନ ସମ୍ବଳ ଆମର ବିସ୍ତୃତ ସାମୁଦ୍ରିକ ଉପକୂଳ ଅଞ୍ଚଳରେ ଉପଲବ୍ଧ ଅଟେ । ଯେଉଁଠାରେ ବିଭିନ୍ନ ପ୍ରକାର ଆକର୍ଷଣୀୟ ଓ ମନମୁଗ୍ଧକର ବେଳାଭୂମି ଦେଖାଯାଏ ।

ପାହାଡ଼ର ପାଦଦେଶରେ ଥିବା ବିସ୍ତୃତ ଉଦ୍ୟାନ, ଆବଦ୍ଧ କ୍ଷେତ୍ର ଏବଂ ଖୋଲା ତୃଣଭୂମି ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣର ଅନ୍ୟ ଏକ ଦିଗ ଅଟେ ।

ଆମର ପ୍ରାଚୀନ ସଂସ୍କୃତି ପର୍ଯ୍ୟଟନର ବୃଦ୍ଧିରେ ସହାୟକ ହୁଏ । ବର୍ଷ ବର୍ଷ ରହି ଆସିଥିବା ଆମର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ସମ୍ବଳ ଅଟେ । ବର୍ତ୍ତମାନ ମଧ୍ୟ ପ୍ରାଚୀନ କଳା ଓ ଉତ୍ସବ ପର୍ଯ୍ୟଟକମାନଙ୍କ ପାଇଁ ପସନ୍ଦ ଅଟେ । ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କର ସଂଖ୍ୟାବୃଦ୍ଧି ଦ୍ୱାରା ସେହି ଅଞ୍ଚଳର ସ୍ଥାନୀୟ ବାସିନ୍ଦାମାନଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ରୋଜଗାରର ପନ୍ଥା ଖୋଲିଯାଏ ।

ଆଧୁନିକ ପର୍ଯ୍ୟଟନର ଏହିସବୁ ସମ୍ବଳ ଗୁଡ଼ିକର ଧନ ଉପାର୍ଜନ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଯାହାକି ବିଶ୍ୱ ଅର୍ଥନୀତିକୁ ସୁଧାରିବାରେ ସାହାଯ୍ୟ କରିବ ।

ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇଛି । ଯଥା ପର୍ବତ ଏବଂ ପାହାଡ଼ୀ ଆବସ ସ୍ଥଳ (ଶୈଳ ନିବାସ), ବେଳାଭୂମି ପର୍ଯ୍ୟଟନ, ବିଭିନ୍ନ ପ୍ରକାର ସାଂସ୍କୃତିକ କେନ୍ଦ୍ର ଏବଂ କେତେକ ପ୍ରକାର ସାହାସିକ ପର୍ଯ୍ୟଟନ ସ୍ଥଳ । ପର୍ଯ୍ୟଟନ ସ୍ଥଳଗୁଡ଼ିକର ଅବସ୍ଥିତି, ସ୍ଥାନର ବିଶେଷତ୍ୱ ଏବଂ ପର୍ଯ୍ୟଟକମାନଙ୍କ ପାଇଁ ଥିବା ସୁବିଧା ସୁଯୋଗକୁ ଭିତ୍ତିକରି, ସେଗୁଡ଼ିକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇଥାଏ । ଯେଉଁ ସ୍ଥାନଗୁଡ଼ିକ ସୁଗମ୍ୟ ଏବଂ ଯେଉଁଠାରେ ପର୍ଯ୍ୟଟକମାନଙ୍କର ବସବାସ ଏବଂ ଅନ୍ୟାନ୍ୟ ସୁବିଧାର ସୁବନ୍ଦୋବସ୍ତ କରାଯାଇଥାଏ, ସେହି ସ୍ଥାନଗୁଡ଼ିକ ଲୋକପ୍ରିୟ ହୋଇପଡ଼େ ଏବଂ ବହୁ ସଂଖ୍ୟକ ପର୍ଯ୍ୟଟକ ସେଠାକୁ ଆକର୍ଷିତ ହୋଇ ଆସନ୍ତି । ତା ସତ୍ତ୍ୱେ ଦୁର୍ଗମ ଅଞ୍ଚଳରେ ଥିବା ଅଣପାରମ୍ପରିକ ପର୍ଯ୍ୟଟନ ସ୍ଥଳଗୁଡ଼ିକ ଦୁଃସାହସିକ କ୍ରୀଡ଼ା ଯଥା ନଦୀ ନୌଚାଳନା, ପର୍ବତାରୋହଣ, ଜଳ ଓ ବରଫ କ୍ରୀଡ଼ା କିମ୍ବା ବ୍ୟୟସାପେକ୍ଷ ବିପଦପୂର୍ଣ୍ଣ କାର୍ଯ୍ୟ ଯଥା ହ୍ୟାଙ୍ଗ ଗ୍ଲାଇଡ଼ିଙ୍ଗ୍, ପାରା ଗ୍ଲାଇଡ଼ିଙ୍ଗ, ଗଲଫ୍ ଏବଂ ହେଲି ସ୍କିଇଁଙ୍ଗ ପାଇଁ ପ୍ରଯୁଜ୍ୟ ଅଟେ ।

## ପାଠାନ୍ତ ପ୍ରଶ୍ନ

୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଦିଅ ।

(କ) କେଉଁ ପ୍ରକାର ବେଳାଭୂମି ଗୁଡ଼ିକୁ ପର୍ଯ୍ୟଟନ ଦୃଷ୍ଟିରୁ ଅଧିକ ମୂଲ୍ୟବାନ୍ ଅଟେ ?

(ଖ) କେଉଁ ବିଷୟ ଗୁଡ଼ିକ ଭାରତର ଐତିହାସିକ ଓ ସାଂସ୍କୃତିକ ପର୍ଯ୍ୟଟନ ସମ୍ବଳର ଅର୍ନ୍ତଭୁକ୍ତ ଅଟେ ?

୨. ଗ୍ରୀଷ୍ମ ଋତୁରେ ପର୍ବତ ଗୁଡ଼ିକ ପର୍ଯ୍ୟଟକ ମାନଙ୍କ ପାଇଁ ଆକର୍ଷଣୀୟ ହେବାର ୬ଗୋଟି କାରଣ ଲେଖ ।



ଟିପ୍ପଣୀ

୩. ପାର୍ଥକ୍ୟ ଦର୍ଶାଅ :

(କ) ପର୍ଯ୍ୟଟକ ଓ ଏବଂ ପର୍ଯ୍ୟଟନ

(ଖ) ପର୍ଯ୍ୟଟକ ସୃଷ୍ଟିକରିବା ଏବଂ ପର୍ଯ୍ୟଟକ ଗନ୍ତବ୍ୟ ସ୍ଥଳ

୪. ଆଧୁନିକ ପର୍ଯ୍ୟଟନର ବିକାଶରେ ସହାୟକ ହେଉଥିବା କାରଣ ଗୁଡ଼ିକ ବର୍ଣ୍ଣନା କର ।

୫. ନିମ୍ନ ବାକ୍ୟଗୁଡ଼ିକୁ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।

କ. (୧) ସମୁଦ୍ର ପତ୍ତନରୁ ୧୨୦୦ମି. ରୁ ୨୧୦୦ମି. ଉଚ୍ଚତା ମଧ୍ୟରେ ବହୁ ସଂଖ୍ୟକ ଶୈଳ ନିବାସ ହିମାଳୟରେ ଦେଖାଯାଏ ।

(୨) ୮୦୦ମି. ରୁ ୧୨୦୦ ମି. ଉଚ୍ଚତା ମଧ୍ୟରେ ବହୁ ସଂଖ୍ୟକ ପାହାଡ଼ୀ ପର୍ଯ୍ୟଟନ ସ୍ଥଳ ଅବସ୍ଥିତ ।

ଖ. (୧) ସହର ଠାରୁ ପାହାଡ଼ୀ ପର୍ଯ୍ୟଟକ ସ୍ଥଳଗୁଡ଼ିକର ନିକଟତା ଅବସ୍ଥିତି ଦୃଷ୍ଟିରୁ ବେଶ୍ ଲାଭଦାୟକ ଅଟେ ।

(୨) ସହର ଠାରୁ ପର୍ଯ୍ୟଟନ ସ୍ଥଳଗୁଡ଼ିକର ନିକଟତା ଲାଭପ୍ରଦ ହୁଏ, ଯଦି ଏହାକୁ ଯାତାୟତ ସହଜ ସାଧ୍ୟ ହୋଇ ନ ଥାଏ ।

(୩) ସହର ଠାରୁ ପର୍ଯ୍ୟଟନ ସ୍ଥଳ ଗୁଡ଼ିକର ନିକଟତା ପର୍ଯ୍ୟଟକ ମାନଙ୍କର ଆସିବାକୁ କମେଇ ଦିଏ ।

ଗ. (୧) କଙ୍କଣ ଓ ଗୁଜୁରାଟ ଉପକୂଳରେ ବେଳାଭୂମି ପର୍ଯ୍ୟଟନର ବିକାଶ କରାଯାଇ ପାରିବ ନାହିଁ ।

(୨) କେରଳ ଓ ଗୋଆ ଉପକୂଳରେ ବେଳାଭୂମି ପର୍ଯ୍ୟଟନ ଅଧିକ ବିକଶିତ ଅଟେ ।

ଘ. (୧) ବହୁ ସଂଖ୍ୟାରେ ଧର୍ମ ଓ ସଂପ୍ରଦାୟର ଅଭିବୃଦ୍ଧି ତୀର୍ଥସ୍ଥାନ ଗୁଡ଼ିକର ସଂଖ୍ୟା ବୃଦ୍ଧି କରିବାରେ ସାହାଯ୍ୟ କରେ ।

(୨) ଲୋକମାନେ ଦୁର୍ଗ ଓ ପ୍ରାସାଦ ଗୁଡ଼ିକ ଦେଖି ବିରକ୍ତ ହୋଇ ଯାଉଥିବାରୁ ତୀର୍ଥସ୍ଥାନ ଗୁଡ଼ିକର ବିକାଶ କରନ୍ତି ।

୬. ନିମ୍ନରେ ଦିଆଯାଇଥିବା ସ୍ଥାନଗୁଡ଼ିକୁ ଭାରତର ରେଖାଙ୍କିତ ମାନଚିତ୍ରରେ ଚିହ୍ନାଅ :

ରାଜସ୍ଥାନର ଦୁର୍ଗନଗର, ଯେଉଁ ସ୍ଥାନରେ ମକା ମସଜିଦ୍ ଓ ଶାହା ମସଜିଦ୍ ଅବସ୍ଥିତ, ଯେଉଁ ସ୍ଥାନରେ ଜାଲିଆନାୱାଲା ବାଗ, ସେଲୁଲାର ଜେଲ, ସାବରମତୀ ଆଶ୍ରମ, ସାଁଚୀ ସ୍ତୁପ, ଟାବୋ ମଠ ଏବଂ ପଶ୍ଚିମ ବଙ୍ଗର ପର୍ବତାରୋହଣ ଅନୁଷ୍ଠାନ ଅବସ୍ଥିତ ।

୭. ନିମ୍ନଲିଖିତ ଗୁଡ଼ିକର ପାର୍ଥକ୍ୟ ଦର୍ଶାଅ ।

(କ) ପର୍ବତାରୋହଣ ଏବଂ ପାଦ ଭ୍ରମଣ

(ଖ) ନଦୀ ନୌଚାଳନା ଏବଂ ବୁଡ଼ନ କ୍ରୀଡ଼ା

(ଗ) ସ୍କେଟିଂ ଏବଂ ସ୍କିଇଁଙ୍ଗ

(ଘ) ପାରା ଗ୍ଲାଇଡ଼ିଙ୍ଗ ଏବଂ ହ୍ୟାଙ୍ଗ ଗ୍ଲାଇଡ଼ିଙ୍ଗ

୮. ନିମ୍ନଲିଖିତ ଶବ୍ଦମାନଙ୍କ ମଧ୍ୟରୁ ଅସଂପର୍କିତ ଶବ୍ଦଟିକୁ ବାହାର କର ।

(କ) ଉଜ୍ଜୟେନ / କାଙ୍ଗ୍ରା / ଜାମ୍ମୁ / ବାରଣାସୀ / କୋହିମା

(ଖ) ଗୋଆଲିଅର / ଲୋହଗଡ଼ / ଦୀଲୱାରା / ଜୈସଲାମର / ଗୋଲକୁଣ୍ଡା

ଟିପ୍ପଣୀ

(ଗ) ଦେଓ ଟିବ୍ବା / ରୂପ କୁଣ୍ଡ / ହର ମୁଖା/ ରାଥାଙ୍ଗା / ଶିବଲିଙ୍ଗ

(ଘ) ହଳଦୀ ଘାଟୀ/ ଋଷିକୋଣ୍ଡା / ମାଲ୍‌ପା / ଗୋପାଳପୁର / ଅହମଦପୁର- ମାଣ୍ଡଭୀ

୯. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର କାରଣ ଦର୍ଶାଅ:

(କ) ପ୍ରବାଳ ସାଗର ସ୍କୁବା ବୁଡ଼ନ କ୍ରୀଡ଼ା ପାଇଁ ଅଧିକ ଉପଯୁକ୍ତ ଅଟେ ।

(ଖ) ବାଘମାନଙ୍କ ପାଇଁ ବହୁତ ଅଭୟାରଣ୍ୟ ଥିବାବେଳେ, ହଁଗୁଲ, ସୋହନ ପକ୍ଷୀ (ବଡ଼ ବେକଥିବା ବଗ) ଓ ଗଣ୍ଡାମାନଙ୍କ ପାଇଁ ଥିବା ଅଭୟାରଣ୍ୟ ବହୁତ କମ୍ ।

(ଗ) ଉତ୍ତରାଖଣ୍ଡକୁ ବହୁ ସଂଖ୍ୟକ ଧାର୍ମିକ ପର୍ଯ୍ୟଟକ ଆସନ୍ତି; କିନ୍ତୁ ଏହି ସ୍ଥାନ ପର୍ଯ୍ୟଟନ ଦୃଷ୍ଟିରୁ ଅଧିକ ବିକଶିତ ନୁହେଁ ।

## ପାଠ୍ୟଗତ ପ୍ରଶ୍ନର ଉତ୍ତର

**୩୦.୧**

୧. (କ) ଅସ୍ଥାୟୀ (ଖ) କୌଣସି
(ଗ) ବଜାର (ଘ) ଘରୋଇ

୨. (କ) ରହିବାର ସମୟ
(ଖ) ବ୍ୟବହୃତ ପରିବହନର ମାଧ୍ୟମ
(ଗ) ଅତିକ୍ରମଣ କରାଯାଇଥିବା ଦୂରତା
(ଘ) ଯାତ୍ରାର ଉଦ୍ଦେଶ୍ୟ
(ଙ) ପର୍ଯ୍ୟଟକମାନେ ଦେଇଥିବା ମୂଲ୍ୟ

୩. (i) - ଘ (ii) - ଗ(iii) - କ (iv) - ଖ

**୩୦.୨**

୧. ଭାରତରେ ପର୍ଯ୍ୟଟନ ପାଇଁ ବର୍ଷସାରା ସମୟ ଉପଲବ୍ଧ ହେଉଥିବାରୁ ଏହାକୁ "ଅମୂଲ୍ୟ ପର୍ଯ୍ୟଟନ ଗନ୍ତବ୍ୟ ସ୍ଥଳ" ବୋଲି କୁହାଯାଏ ।

୨. ସମୁଦ୍ର ଠାରୁ ୩୨କି.ମି ଦୂରରେ କୃଷ୍ଣା ଓ ଗୋଦାବରୀ ନଦୀର ଅବବାହିକାରେ ଅବସ୍ଥିତ କୋଲେରୁ ହ୍ରଦ, ଏସିଆ ମହାଦେଶର ଦୀର୍ଘତମ ମଧୁର ଜଳପୂର୍ଣ୍ଣ ହ୍ରଦ ଅଟେ ।

୩. ଦ୍ୱାଦଶ ଶତାବ୍ଦୀରୁ ସପ୍ତଦଶ ଶତାବ୍ଦୀ ମଧ୍ୟରେ, ୪୫୫ ବର୍ଷ ଭିତରେ ଏକା ଅଞ୍ଚଳରେ ସାତୋଟି ଦିଲ୍ଲୀ ନିର୍ମାଣ କରାଯାଇଥିଲା ।

**୩୦.୩**

୧. (କ) ସବୈତନିକ ଛୁଟି ବ୍ୟବସ୍ଥା
(ଖ) ଭ୍ରମଣ ରିହାତି

୨. (କ) ଆଧାରଭୂ ସୁବିଧା (ପ୍ରାଥମିକ ସୁବିଧା)

ଟିପ୍ପଣୀ

(ଖ) ପ୍ରେରକ / ଆକର୍ଷକ

**୩୦.୪**

୧. (କ) ସିମଳା (ଖ) ସିଲଂ (ଗ) ପହଲାଗାଁଓ (ଘ) ନୈନୀତାଲ୍

୨. (କ) ତାଳ ଗଛ ଦ୍ୱାରା ଘେରା ସ୍ୱାସ୍ଥ୍ୟକର ପର୍ଯ୍ୟଟନ ସ୍ଥଳ

(ଖ) ଶାନ୍ତ ଏବଂ ଅଳ୍ପ ଉଷ୍ମ ସମୁଦ୍ର ଜଳ

(ଗ) ସାକ ମାଛ କବଳରୁ ମୁକ୍ତ

(ଘ) ଜଳତରଣ ଓ ତରଙ୍ଗ କ୍ରୀଡ଼ା ପରି ଜଳ କ୍ରୀଡ଼ା ପାଇଁ ଉପଯୁକ୍ତ ସ୍ଥାନ

୩. (କ) ଭରପୁର ପ୍ରାକୃତିକ ଦୃଶ୍ୟ (ଖ) ନଗର ଠାରୁ ନିକଟତା (ଗ) ହିମରେଖାର ନିକଟତା

୪. (କ) ଜୁହୁ (ଖ) ପୁରୀ (ଗ) ମାରୀନା

**୩୦.୫**

୧. (କ) ବୌଦ୍ଧ (ଖ) ଶିଖ୍ (ଗ) ମୁସଲ୍‌ମାନ୍ (ଘ) ଇହୁଦୀ

୨.(କ) (i) ଉତ୍ତରରେ ବଦ୍ରୀନାଥ (ii) ପଶ୍ଚିମରେ ଦ୍ୱାରକା (iii) ପୂର୍ବରେ ଜଗନ୍ନାଥ ପୁରୀ ଏବଂ (iv) ଦକ୍ଷିଣରେ ରାମେଶ୍ୱରମ୍

(ଖ) (i) ପାହାଡ଼ର ଉପର ଭାଗରେ (ii) ନଦୀର ସଂଗମ ସ୍ଥଳରେ (iii) ହ୍ରଦ କୂଳରେ ଏବଂ (iv) ଦ୍ୱୀପ ଏବଂ ଜନ ବସତି ନିକଟରେ ( ଯେକୌଣସି ୩ଟି )

**୩୦.୬**

୧. ଗୁଜୁରାଟରେ ଗିର, କାଶ୍ମୀରରେ ଦାଚିଗ୍ରାମ, ଆସାମର କାଜିରଙ୍ଗା ଏବଂ ମାନସ, ଭରତପୁର ନିକଟରେ ଘାନା (ରାଜସ୍ଥାନର), କେରଳର ପେରୀୟାର

୨. ପଶ୍ଚିମବଙ୍ଗ, ଉତ୍ତରାଖଣ୍ଡ ଏବଂ ହିମାଚଳ ପ୍ରଦେଶର ଦାର୍ଜିଲିଙ୍ଗ, ଉତ୍ତର କାଶୀ ଏବଂ ମନାଲିରେ 'ଭାରତୀୟ ପର୍ବତାରୋହଣ ସଂସ୍ଥା' ରହିଅଛି । ଏହି ସଂସ୍ଥାଗୁଡ଼ିକ ପର୍ବତାରୋହଣ ଓ ବରଫ କ୍ରୀଡ଼ା ପାଇଁ ପ୍ରଶିକ୍ଷଣ ଦେବା ସଂଗେ ସଂଗେ ଆୟୋଜନ ମଧ୍ୟ କରୁଛନ୍ତି । ସେମାନେ ପର୍ବତାରୋହୀ ମାନଙ୍କୁ ପାଣିପାଗ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ଯୋଗାଉଛନ୍ତି ଏବଂ ବିପଦ ସମୟରେ ସୁରକ୍ଷା ଦେଉଛନ୍ତି ।

୩. ହେଲି ସ୍କିଇଙ୍ଗ କ୍ରୀଡ଼ାକୁ ଫାନ୍ସରେ ନିଷିଦ୍ଧ କରାଯାଇଛି । କାରଣ ଲୋକମାନଙ୍କୁ ପର୍ବତ ଉପରେ ହେଲିକେପ୍ଟର ଓହ୍ଲାଇବା ଦ୍ୱାରା ଯେଉଁ ଶବ୍ଦ ହେଉଛି, ତାହା ପାର୍ବତୀୟ ଜୀବମାନଙ୍କୁ ବ୍ୟସ୍ତ ବିବ୍ରତ କରି ଦେଉଛି । କାନାଡ଼ାରେ ମଧ୍ୟ ଏହାକୁ ବନ୍ଦ କରି ଦିଆଯାଇଛି । କାରଣ ଖରାପ ପାଗରେ ପର୍ବତ ଶିଖରରେ ପହଞ୍ଚିବା ବହୁତ କଷ୍ଟକର ହୋଇପଡ଼େ ଏବଂ ଏହା ସହରୀ ସଭ୍ୟତା ଠାରୁ ବହୁ ଦୂରରେ ଅବସ୍ଥିତ । କାଶ୍ମୀରରେ ଗୁଲମାର୍ଗର ବିଶାଳ ଉପତ୍ୟକା ଏବଂ ଢ଼ାଲୁ ଅଞ୍ଚଳ ଏହି କ୍ରୀଡ଼ା ପାଇଁ ଦୁଇଟି ଅନୁକୂଳ ପରିବେଶ ।

**ପାଠାନ୍ତ ପ୍ରଶ୍ନ ପାଇଁ ସଂକେତ**

୧. (କ) ଅନୁଚ୍ଛେଦ ୩୦.୬ ଦେଖ

(ଖ) ଅନୁଚ୍ଛେଦ ୩୦.୭ ଦେଖ

୨. ୩୦.୯ର ଅର୍ନ୍ତଗତ ୩ (କ) ଦେଖ



ଟିପ୍ପଣୀ

୩. (କ) ଅନୁଚ୍ଛେଦ ୩୦.୧ ଦେଖ
(ଖ) ଅନୁଚ୍ଛେଦ ୩୦.୩ ଦେଖ

୪. ଅନୁଚ୍ଛେଦ ୩୦.୮ ଦେଖ

୫. (କ) - (i) (ଖ) - (i), (ଗ) - (iii), (ଘ) - (iii)

୬. ପାଠରେ ଦିଆଯାଇଥିବା ମାନଚିତ୍ର ବ୍ୟବହାର କର ।

୭. i - ଅନୁଚ୍ଛେଦ ୩୦.୯, ii - ୩୦ - ୯ ର ଅନ୍ତର୍ଗତ, iii - ଅନୁଚ୍ଛେଦ ୩୦.୯ (ଜଳକ୍ରୀଡ଼ା), iv - ୩୦.୯ ଅନୁଚ୍ଛେଦ, v - ୩୦.୯ (ଘ) ଅନୁଚ୍ଛେଦ ୩୦.୯ରେ ଥିବା ହ୍ୟାଙ୍ଗ୍ ଗ୍ଲାଇଡ଼ିଙ୍ଗ ଓ ପାରା ଗ୍ଲାଇଡ଼ିଙ୍ଗ ଦେଖ ।

୮. (କ) କୋହିମା, (ଖ) ଦିଲୱାଡ଼ା, (ଗ) ରୂପକୁଣ୍ଡ (ଘ) ହଳଦୀଘାଟୀ

୯. (କ) ଅନୁଚ୍ଛେଦ ୩୦.୯ (ଘ) ଜଳକ୍ରୀଡ଼ା ଦେଖ ।

(ଖ) କାରଣ ଏହି ପ୍ରକାର ଜାତି ବର୍ତ୍ତମାନ ଦୁର୍ଲଭ ଏବଂ ବିଲୁପ୍ତ ହେବା ଅବସ୍ଥାରେ ଅଛି ।

(ଗ) ତୀର୍ଥ ସ୍ଥାନଗୁଡ଼ିକ କୌଣସି ପ୍ରକାର ପର୍ଯ୍ୟଟକମାନଙ୍କର ସୁବିଧା ବ୍ୟତୀତ ବାର୍ଦ୍ଧକ୍ୟ ସମୟରେ ଲୋକମାନଙ୍କର ଭକ୍ତିଭାବ ଲାଗି ଅଧିକ ଲୋକପ୍ରିୟ ହୋଇଯାଏ । ଉତ୍ତରାଖଣ୍ଡର ଅନ୍ୟ ଆକର୍ଷଣୀୟ ସ୍ଥାନ ଗୁଡ଼ିକର ଯଥେଷ୍ଟ ବିକାଶ ଏ ପର୍ଯ୍ୟନ୍ତ ଘଟି ନାହିଁ ।